بِسۡمِ اللّٰهِ الرَّحۡمٰنِ الرَّحِيۡمِ نَحۡمَدُهٗ وَنُصَلِّيۡ عَلٰى رَسُوۡلِهِ الۡكَرِيۡمِ وَعَلٰى عَبۡدِهِ الۡمَسِيۡحِ الۡمَوۡعُوۡدِ

وَلَقَدۡ نَصَرَكُمُ اللّٰهُ بِبَدۡرٍ وَّاَنۡتُمۡ اَذِلَّةٌ

ଖଣ୍ଡ 4

ସଂଖ୍ୟା 39

ସାପ୍ତାହିକ ବଦର କାଦିଆନ

Weekly BADAR Qadian Odia

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

26 ସେପ୍ଟେମ୍ବର 2019 | 26 ତବୁକ 1398 ହି.ଶ | 26 ମୁହରମ୍ 1441 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

الَّذِيۡنَ يُنۡفِقُوۡنَ فِى السَّرَّآءِ وَالضَّرَّآءِ وَالۡكٰظِمِيۡنَ الۡغَيۡظَ وَالۡعَافِيۡنَ عَنِ النَّاسِ ؕ وَاللّٰهُ يُحِبُّ الۡمُحۡسِنِيۡنَ ۝

(آل عمران:135)

ଅନୁବାଦ- ଯେଉଁ (ଧର୍ମନିଷ୍ଠ ବ୍ୟକ୍ତି) ମାନେ ସ୍ୱଚ୍ଛଳ ଓ ଅଭାବଗ୍ରସ୍ତ ଥାଇ ମଧ୍ୟ (ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ) ବ୍ୟୟ କରନ୍ତ. ତଥା ନିଜର କ୍ରୋଧ ସମ୍ବରଣ କରନ୍ତି ଓ ଲୋକମାନଙ୍କୁ କ୍ଷମା କରନ୍ତି, ଅଲ୍ଲାଃ ଏପରି ହିତକାରୀମାନଙ୍କୁ ପ୍ରେମ କରନ୍ତି ।

*(ଆଲେ ଇମରାନ୍: ୧୩୫)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ । ॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ମୁଁ ତୁମକୁ ବତାଉଛି ଯେ, ଅଲ୍ଲାଃ ତାଲାଙ୍କ ଶକ୍ତି ଓ ଅଭିଳାଷକୁ କେହି ଆୟତ କରିପାରେ ନାହିଁ । ଯେଉଁ ବ୍ୟକ୍ତି ଏପରି ଦାବି କରେ ସେ ହେଉଛି ଖୁଦାଙ୍କ ଅମାନ୍ୟକାରୀ**

**ଇମାମ୍ ଫଖରୁଦ୍ଦିନ୍ ରାଜିଙ୍କର ଏହି କଥା ବହୁତ ସଠିକ୍ ଯେ ଯେଉଁ ବ୍ୟକ୍ତି ଖୁଦାତାଲାଙ୍କୁ ବୁଦ୍ଧିର ମାପ ଦ୍ୱାରା ଆକଳନ କରିବା ପାଇଁ ମନସ୍ଥ କରେ ସେ ହେଉଛି ମୂର୍ଖ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ପବିତ୍ର କୋରାନ୍ ଏବଂ ତୌରାତ୍‌ର ଶିକ୍ଷାରେ ଦ୍ୱିତୀୟ ଅନ୍ତର / ଫରକ

ଦ୍ୱିତୀୟ ଫରକ ହେଉଛି ଏହା କି ତୌରାତ୍ କେବଳ ବନି ଇସ୍‌ରାଇଲ୍‌ଙ୍କୁ ସମ୍ବୋଧନ କରିଛି ଅନ୍ୟ କୌଣସି ଜାତି ସହିତ କୌଣସି ପ୍ରକାରର ସମ୍ବନ୍ଧ ରଖିନାହିଁ । ଏହି କାରଣ ଯୋଗୁଁ ଦଲାଇଲ୍ ୱ ବରାହୀନ୍ (ଅର୍ଥାତ୍ ପ୍ରମାଣ ଦେବା) ଉପରେ ସେ ପ୍ରାଧାନ୍ୟ ଦେଇନାହିଁ । କାରଣ ତୌରାତ୍‌ର ଦୃଷ୍ଟି ସମ୍ମୁଖରେ କୌଣସି ନାସ୍ତିକ, ଦାର୍ଶନିକ ଓ ବ୍ରାହ୍ମଣ ଗୋଷ୍ଠି ନଥିଲେ । ପବିତ୍ର କୋରାନ୍ ଯେହେତୁ ସମସ୍ତ ଧର୍ମସମୂହ ଓ ସମସ୍ତ ଗୋଷ୍ଠି ସମୂହକୁ ଦୃଷ୍ଟି ଆଗରେ .......ପବିତ୍ର କୁର୍‌ଆନ୍ ବିଶ୍ୱାସ ଓ ଆସ୍ଥାକୁ ମଧ୍ୟ ଏବଂ କାର୍ଯ୍ୟ ନିର୍ଦ୍ଦେଶାବଳୀକୁ ମଧ୍ୟ ଯୁକ୍ତି ସଂଗତ କଲା ।

ସୁତରାଂ ପବିତ୍ର କୋରାନ୍ ବର୍ଣ୍ଣନା କରୁଛି କୁଲ୍ ଲିଲମୁମିନିନା ଯଗୁଜ୍ଜୁ ମିନ୍ ଅବ୍‌ସାରିହିମ୍ ଓ ୟହଫଜୁ ଫୁରୁଯହୁମ୍ (ନୂର: ୩୧) ଅର୍ଥାତ ତୁମେ ମୋମିନ ମାନଙ୍କୁ (ଅର୍ଥାତ୍ ବିଶ୍ୱାସକାରୀ ପୁରୁଷମାନଙ୍କୁ) କହିଦିଅ ଯେ ସେମାନେ ନିଜ ଚକ୍ଷୁ ଅବନତ କରି ରଖନ୍ତୁ ଏବଂ ନିଜର ଗୁପ୍ତାଙ୍ଗ ଗୁଡ଼ିକୁ ସୁରକ୍ଷିତ କରନ୍ତୁ (ଏହା ସେମାନଙ୍କ ପାଇଁ ଅତିଶୟ ପବିତ୍ର ହେବ; ସେମାନେ ଯାହା କିଛି କରୁଛନ୍ତି ଅଲ୍ଲାଃ ତାହା ଉତମ ରୂପେ ଜାଣିଛନ୍ତି) । ଜରୁରୀ ଅଟେ କି ମଣିଷ ନିଜ ଚକ୍ଷୁକୁ ଅବନତ କରୁ ଯଦ୍ୱାରା ଅନ୍ୟ ମହିଳା ମାନଙ୍କୁ ଦେଖି ଫିତ୍‌ନାରେ ନ ପଡୁ । କାନ ମଧ୍ୟ ଫୁରୁଯ୍ (ଅର୍ଥାତ୍ ଗୁପ୍ତାଙ୍ଗ)ରେ ଗଣା, ଯିଏ କାହାଣି ଶୁଣି ଫିତ୍‌ନାରେ ପଡିଯାଏ । ସେଥିଯୋଗୁଁ ସାଧାରଣତଃ ନିର୍ଦ୍ଦେଶ ଦେଇଛି ଯେ ସମସ୍ତ ଗାତ୍ର ଗୁଡ଼ିକୁ ସୁରକ୍ଷିତ ରଖିବ ଏବଂ କହିଲେ ଯେ ସମ୍ପୁର୍ଣ୍ଣ ବନ୍ଦ କରି ରଖ । **ଜାଲିକା ଅଜ୍‌କା ଲହୁମ୍** (ନୁର୍:୩୧) ଏହା ତୁମ ପାଇଁ ଅତିଶୟ ପବିତ୍ର ଓ ଏହି ଶୈଳୀ ଉତମ ସ୍ତରର ପବିତ୍ରତା ସ୍ଥାପନ କରିଥାଏ, ଯାହାର ଥିବାରେ ଦୁଷ୍କର୍ମୀ ହେବ ନାହିଁ ।

### ପବିତ୍ର କୁର୍‌ଆନ୍ ସ୍ୱୟଂ ପ୍ରମାଣକୁ ବର୍ଣ୍ଣନା କରିଥାଏ

ଦେଖ ! ପବିତ୍ର କୋରାନ୍ ସେହି ଗୋଟିଏ କଥାକୁ କିପରି ବ୍ୟାଖ୍ୟା କରି ଏବଂ ପ୍ରମାଣ ଦେଇ ବର୍ଣ୍ଣନା କରିଛି, ଯାହା ତୌରାତ୍‌ରେ ମଧ୍ୟ ନିଜ ଶବ୍ଦରେ ଓ ଅର୍ଥରେ ବର୍ଣ୍ଣନା ହୋଇଛି । ଏହା ତ କୋରାନ୍‌ର ଚମତ୍କାରିତା ଯେ ସେ ନିଜର ଅନୁଗାମୀମାନଙ୍କୁ ଅନ୍ୟ କାହାର ଆଶ୍ରିତ ହେବାକୁ ଦିଏ ନାହିଁ । ପ୍ରମାଣଗୁଡ଼ିକୁ ନିଜେ ହିଁ ଉପସ୍ଥାପନ କରି ତାକୁ ସନ୍ତୁଷ୍ଟ କରିଦିଏ । ପବିତ୍ର କୋରାନ୍ ପ୍ରମାଣ ସହିତ ନିର୍ଦ୍ଦେଶାବଳୀଗୁଡ଼ିକୁ ଲେଖିଛି ଏବଂ ପ୍ରତ୍ୟେକ ନିର୍ଦ୍ଦେଶ ପାଇଁ ଅଲଗା ଅଲଗା ପ୍ରମାଣ ଦେଇଛି । ସୁତରାଂ ଏହା ହେଉଛି ଦୁଇଟି ବଡ଼ ତଫାତ୍/ଫରକ ଯାହା ତୌରାତ୍ ଓ କୁର୍‌ଆନ୍ ମଧ୍ୟରେ ରହିଛି । ପ୍ରଥମଟିରେ ଯୁକ୍ତି ସଂଗତ ମାର୍ଗ ନାହିଁ । ଦାବିର ପ୍ରମାଣ ନିଜେ ଖୋଜିବାକୁ ପଡ଼ିଥାଏ । ଶେଷଟିର (ଅର୍ଥାତ୍ ପବିତ୍ର କୋରାନ୍‌ର) ଦାବି ପାଇଁ ପ୍ରତ୍ୟେକ ପ୍ରକାରର ପ୍ରମାଣ ଦ୍ୱାରା ଯୁକ୍ତି ସଂଗତ କରିଥାଏ ତା ପରେ ଯାଇ ଉପସ୍ଥାପନ କରେ । ଖୁଦାଙ୍କ ନିର୍ଦ୍ଦେଶାବଳୀକୁ ଜୋର୍ ଜବର୍‌ଦସ୍ତି ମନାଏ ନାହିଁ । ବରଂ ମନୁଷ୍ୟର ମୁହଁରୁ ଆଜ୍ଞା ବହତା ସ୍ୱୀକାର କରିବାର ସ୍ୱର ବାହାର କରିଥାଏ । ନା କୌଣସି ଜୋର୍ ଜବରଦସ୍ତି/ବାଧ୍ୟ ବାଧକତା ଦ୍ୱାରା ବରଂ ତାର ସୁନ୍ଦର ସମ୍ବୋଧନ ଏକ ବିଶେଷ ଗୋଷ୍ଠି ପାଇଁ ଯେବେ କି ପବିତ୍ର କୋରାନ୍‌ର ସମ୍ବୋଧନ ସମଗ୍ର ମାନବ ଜାତି ନିମନ୍ତେ, ଯେଉଁମାନେ ମହାପ୍ରଳୟ ପର୍ଯ୍ୟନ୍ତ ମଧ୍ୟ ଜନ୍ମ ନେବେ । ପୁଣି ବତାଓ ଯେ ତୌରାତ୍ ଓ ପବିତ୍ର କୋରାନ୍ କିପରି ଏକ ହୋଇଯିବେ ଓ ତୌରାତ୍ ଥିବା ସତ୍ତ୍ୱେ କାହିଁକି କୋରାନ୍‌ର ଆବଶ୍ୟକ ନହେବ । କୋରାନ୍ ଯେତେବେଳେ ନିର୍ଦ୍ଦେଶ ଦେଉଛି ଯେ ତୁମେ ବ୍ୟଭିଚାର କରନାହିଁ, ସେତେବେଳେ ଏହାର ଅର୍ଥ ସମଗ୍ର ମାନବ ଜାତି ହୋଇଥାଏ । କିନ୍ତୁ ଯେବେ ଏହି ଶବ୍ଦ ତୌରାତ୍ କହେ ସେତେବେଳେ ତାର ସମ୍ବୋଧନ ଏବଂ ଇଙ୍ଗିତ ସେହି ବନି ଇସ୍ରାଇଲ କୌମ୍ ହୋଇଥାଏ । ଏଥିରୁ ମଧ୍ୟ (ତା'ର) ସୀମିତ ହେବା ଓ ଉଚ୍ଚକୋଟିର ସାହିତ୍ୟ ନ ହେବା କଥା ଜଣାପଡ଼ିଥାଏ କିନ୍ତୁ ଦୂରଦୃଷ୍ଟି ରଖିଥିବା ଓ ଈଶ୍ୱରଭୟ ରଖିଥିବା ହୃଦୟ ଥିଲେ ତ ।

### ଶାରିରୀକ/ଭୌତିକ ଏବଂ ଆଧ୍ୟାତ୍ମିକ ଖୋରାକ୍

ତୌରାତ୍ ଓ କୋରାନ୍ ମଧ୍ୟରେ ଏହା ମଧ୍ୟ ଏକ ମହାନ୍ ତଫାତ୍ ରହିଛି ଯେ, କୋରାନ୍ ପ୍ରତ୍ୟେକ ପ୍ରକାରର ଶାରିରୀକ ଏବଂ ଆଧ୍ୟାତ୍ମିକ ଖୋରାକ୍ ନିଜ ଭିତରେ ରଖିଅଛି ଉଦାହରଣ ସ୍ୱରୂପ ଶକ୍କୁଲ୍ କମର୍ (ଅର୍ଥାତ୍ ଚନ୍ଦ୍ର ଦୁଇଫାଳ ହେବା)ର ଚମତ୍କାର ହେଉଛି ଭୌତିକ ଚମତ୍କାରର ଏକ କିସମ ।

### ପ୍ରକୃତିର କାନୁନ୍ ସୀମାବଦ୍ଧ ହୋଇପାରେ ନାହିଁ

କେତେକ ଅଜ୍ଞାନ ଶକ୍‌କୁଲ୍ କମର୍‌ର ଚମତ୍କାରିତା ଉପରେ ପ୍ରକୃତିଗତ ନିୟମର ଆଢୁଆଳରେ ଲୁଚିଛପି ଆରୋପ ଲଗାଉଛନ୍ତି କିନ୍ତୁ ସେମାନଙ୍କୁ ଏତିକି ଜଣା ନାହିଁ ଯେ, ଖୁଦା ତାଲାଙ୍କ ପ୍ରକୃତି / ଶକ୍ତି ଓ ନିୟମର ଆକଳନ କରାଯାଇ ନ ପାରେ । ଆହା ! ଗୋଟିଏ ସମୟରେ ତ ସେମାନେ ମୁହଁରୁ ଖୁଦା କହୁଛନ୍ତି କିନ୍ତୁ ଆଉ ଏକ ସମୟରେ ତାଙ୍କର ହୃଦୟ, ତାଙ୍କର ଆତ୍ମା ଖୁଦାତାଲାଙ୍କ ମହାନ୍ ଓ ଅଦୃଶ୍ୟ ଶକ୍ତିକୁ ଦେଖି ନତମସ୍ତକ ହୋଇଯିବା କଥା କିନ୍ତୁ ସେମାନେ ତାକୁ ଭୁଲିଯାଉଛନ୍ତି । ଯଦି ଖୁଦାଙ୍କ ଅସ୍ତିତ୍ୱ ଓ ସାମର୍ଥ୍ୟ ଏହା ଯେ, ତାହାଙ୍କ ପ୍ରାକୃତିକ ଶକ୍ତି ଆମ ଭାବନା ଓ ଆକଳନ ମଧ୍ୟରେ ସିମୀତ ରହିଛନ୍ତି ତେବେ ପୁଣି ଦୁଆ କରିବାର କ'ଣ ଆବଶ୍ୟକତା ରହିଛି ? କିନ୍ତୁ ନୁହେଁ । ମୁଁ ତୁମକୁ ବତାଉଛି ଯେ, ଅଲ୍ଲାଃ ତାଲାଙ୍କ ଶକ୍ତି ଓ ଅଭିଳାଷକୁ କେହି ଆୟତ କରିପାରେ ନାହିଁ । ଯେଉଁ ବ୍ୟକ୍ତି ଏପରି ଦାବି କରେ ସେ ହେଉଛି ଖୁଦାଙ୍କ ଅମାନ୍ୟକାରୀ କିନ୍ତୁ ସେହି ଅଜ୍ଞାନ ଉପରେ ହାହାକାର ଯେ ଅଲ୍ଲାଃ ତାଲାଙ୍କୁ ଅସୀମ ଶକ୍ତିର ମାଲିକ ବୋଲି ଜାଣି ମଧ୍ୟ ଏହା କହୁଛି ଯେ, ଶକ୍‌କୁଲ୍ କମର୍ ର ଚମତ୍କାର ହେଉଛି ପ୍ରକୃତିର ନିୟମ ବିରୋଧ । ଜାଣି ରଖ ଯେ ଏପରି ବ୍ୟକ୍ତି ସୁଃଚିନ୍ତା ଓ ଦୁରଦୃଷ୍ଟି ସମ୍ପନ୍ନ ହୃଦୟ ରଖେ ନାହିଁ । ଖୁବ୍ ମନେରଖ ଯେ, କେବେ ପ୍ରକୃତିର ନିୟମ ଉପରେ ଭରଷା କରନାହିଁ ଅର୍ଥାତ୍ ପ୍ରକୃତିର ନିୟମକୁ ସୀମାବଦ୍ଧ କରିନିଅ ଯେ, ଏବେ ଖୁଦାଙ୍କ ଖୁଦାଇ (ଅର୍ଥାତ୍ ଈଶ୍ୱରଙ୍କ ଐଶ୍ୱରୀୟ)ର ସମସ୍ତ ଭେଦ ହେଉଛି ଏହା । ତେବେ ତ ସମସ୍ତ ଭେଦ ଖୋଲିଗଲା ନୁହେଁ ଏ ପ୍ରକାରର ଦୁଃସାହାସ କରିବା ଉଚିତ ନୁହେଁ ଯାହା ମୁନଷ୍ୟକୁ ଭକ୍ତର ସ୍ତରରୁ ତଳକୁ ପକାଇ ଦିଏ ଯାହାର ଫଳାଫଳ ହେଉଛି ଧ୍ୱସଂ ହେବା । ଖୁଦାଙ୍କ ଶକ୍ତିକୁ ସୀମାବଦ୍ଧ କରିବାର ମୂର୍ଖତା କୌଣସି ମୁମିନ୍ (ଅର୍ଥାତ୍ ଈଶ୍ୱର ବିଶ୍ୱାସୀ) ଦ୍ୱାରା ହୋଇପାରେ ନାହିଁ । ଇମାମ୍ ଫଖରୁଦ୍ଦିନ୍ ରାଜିଙ୍କର ଏହି କଥା ବହୁତ ସଠିକ୍ ଯେ ଯେଉଁ ବ୍ୟକ୍ତି ଖୁଦାତାଲାଙ୍କୁ ବୁଦ୍ଧିର ମାପ ଦ୍ୱାରା ଆକଳନ କରିବା ପାଇଁ ମନସ୍ଥ କରେ ସେ ହେଉଛି ମୂର୍ଖ ।

*(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୭୪-୭୬ ମୁଦ୍ରଣ ୨୦୧୮ କାଦିୟାନ୍)*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

*ପୃଷ୍ଠା- ୭ ର ଅବଶିଷ୍ଟାଂଶ ...*

ଆମେ ଅପରଣ ସ:ଆ:ସଙ୍କ ପୂର୍ବରୁ ମରିଯାଉଁ। ଏ ଆଶଙ୍କା ଥିଲା ଯେ ଆମେ ଆଁ ହଜରତ ସ:ଆ:ସଙ୍କ ପରେ ପରୀକ୍ଷାରେ ନ ପଡ଼ିଯାଉ। ହଜରତ ମାଆଦ୍ ର:ଅ କହିଲେ ଯେ ଅଲ୍ଲାଃଙ୍କ ରଣ! ମୁଁ ଏପରି ଚାହୁଁ ନଥିଲି। ଲୋକମାନେ ତ ଏ କଥା କହୁଥିଲେ ଯେ ଆମେ ପ୍ରଥମେ ମରିଯାଇଥାନ୍ତୁ ବୋଲି କିନ୍ତୁ ହଜରତ ମାଆଦ୍ ର:ଅ କହିଲେ ନୁହେଁ ମୁଁ ଆଁ ହଜରତ ସ:ଆ:ସଙ୍କ ପୂର୍ବରୁ ମରିଯିବାକୁ ଚାହୁଁ ନଥିଲି। କାରଣ? ଏଥିପାଇଁ କି ଯେ ପର୍ଯ୍ୟନ୍ତ ମୁଁ ଆପଣ ସ:ଆ:ସଙ୍କ ଦେହାନ୍ତ ପରେ ମଧ ଆପଣ ସ:ଆ:ସଙ୍କ ସମର୍ଥନ ସେହିପରି ନ କରିଛି ଯେପରିକି ମୁଁ ଆପଣ ସ:ଆ:ସଙ୍କ ଜୀବିତ ଅବସ୍ଥାରେ ଆପଣ ସ:ଆ:ସଙ୍କ ସମର୍ଥନ କରିଥିଲି। *(ତବକାତୁଲ୍...... ଖଣ୍ଡ-୩, ପୃ-୨୪୪-୨୪୫...... ବେରୁତ ୧୯୯୬)*

ଯେଉଁଭଳି ମୁଁ ଆପଣ ସ:ଆ:ସଙ୍କୁ ନବି ରୂପେ ବିଶ୍ୱାସ ଆଣିଥିଲି ସେହିଭଳି ମୃତ୍ୟୁ ପରେ ମଧ ଏ କଥାକୁ ସମର୍ଥନ କରିବି ଯେ ଖିଲାଫତେ ରାଶ୍‌ଦାଃର ସେହି ନିଜାମ୍, ଯାହାର ଭବିଷ୍ୟବାଣୀ ଆପଣ ସ:ଆ:ସ କରିଥିଲେ ତାହା ଜାରି ହୋଇ ସାରିଛି, ତେଣୁ ଏହାକୁ ଜାରି ରଖିବାକୁ ହେବ ଓ ମୁନାଫିକ୍ ଓ ମୁର୍‌ତଦିନ୍ (ଅର୍ଥାତ୍ କପଟାଚାରୀ ଏବଂ ଧର୍ମପରିତ୍ୟାଗ କରିଥିବା ବ୍ୟକ୍ତିଙ୍କ) ଜାଲରେ ପଡ଼ିବି ନାହିଁ।

ସୁତରାଂ ସେହିଭଳି ଇମାନ୍ (ବିଶ୍ୱାସ) ପ୍ରତ୍ୟେକ ଅହେମଦୀଙ୍କୁ ନିଜ ଭିତରେ ପ୍ରତିଷ୍ଠା କରିବାକୁ ହେବ। ଗୋଟିଏ ରିୱାୟତ ମୁତାବକ ହଜରତ ମାଆଦ୍ ର:ଅ ହଜରତ ଖାଲିଦ୍ ବିନ୍ ୱଲିଦ୍ ର:ଅଙ୍କ ସହିତ ନବି କରିମ୍ ସ:ଆ:ସଙ୍କ ପରେ ମୁର୍‌ତଦିନ୍ ଅର୍ଥାତ୍ ଧର୍ମ ପରିତ୍ୟାଗ କରିଥିବା ଲୋକମାନଙ୍କର ଓ ବିଦ୍ରୋହୀମାନଙ୍କୁ ନିଶେଷ କରିବା ନିମନ୍ତେ ସାମିଲ ହୋଇଥିଲେ। ହଜରତ ଖାଲିଦ୍ ବିନ୍ ୱଲିଦ୍ ର:ଅ ଦୁଇ ଶହ ଘୋଡ଼ା ଆରୋହଣକାରୀଙ୍କ ସହିତ ମାଆନ୍‌ଙ୍କୁ ୟମାମାଃ ଆଡ଼କୁ ପଠାଇ ଥିଲେ। *(ଅଲ୍‌ଅସାବାଃ...... ଖଣ୍ଡ-୬, ପୃ-୧୨୧..... ବେରୁତ ୨୦୦୫)*

ଆଁ ହଜରତ ସ:ଆ:ସ ହଜରତ ମାଆନ୍ ର:ଅଙ୍କର ହଜରତ ଜୈଦ୍ ବିନ୍ ଖତାବ୍‌ଙ୍କ ସହିତ ମୁଆଖାତ୍ (ଅର୍ଥାତ୍ ଭାତୃବନ୍ଧନ) ପ୍ରତିଷ୍ଠା କରିଥିଲେ। ଏହି ଦୁଇଜଣ ସାହାବି ହଜରତ ଅବୁ ବକର ର:ଅଙ୍କ ଖିଲାଫତ ସମୟରେ ୟମାମା ଯୁଦ୍ଧରେ ୧୨ ହିଜରରୀରେ ଶହୀଦ୍ ହୋଇଥିଲେ। *(ତବକାତ୍....... ଖଣ୍ଡ-୩, ପୃ-୨୪୪...... ବେରୁତ ୨୦୦୫)*

ଅଲ୍ଲାଃ ତାଲା ପ୍ରତ୍ୟେକ ଅହେମଦୀଙ୍କୁ ମଧ ନବୁୱତ୍‌ର ସ୍ଥାନ ଓ ପଦମର୍ଯ୍ୟାଦାକୁ ଚିହ୍ନିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ, ଏବଂ ଖିଲାଫତ୍ ସହିତ ନିଷ୍ଠା ଓ ଭକ୍ତିଭାବ ସ୍ଥାପନ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୮ର ଅବଶିଷ୍ଟାଂଶ ......*

କରି ମଦିନାରେ ପହଂଚିଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ସହଲ୍ ବିନ୍ ଉବୈଦୁଲ୍ଲାଃ ଅନ୍‌ସାରିଙ୍କ ସହିତ ତାଙ୍କର ମୁଆଖାତ୍ ପ୍ରତିଷ୍ଠା କରିଥିଲେ। (ତବକାତୁଲ୍ କୁବ୍‌ରା, ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୨୧୪...... ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅ, ବେରୁତ ଲେବନାନ୍ ୧୯୯୬)

ଆଉ ଏକ ରିୱାୟତ୍ ମୁତାବକ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅଙ୍କ ସହିତ ହଜ୍‌ରତ୍ କୁତ୍ ବହ୍‌ବିନ୍ ଆମିର୍‌ଙ୍କର ମୁଆଖାତ୍ ଆଁ ହଜ୍‌ରତ୍ ସ:ଆ:ସ ପ୍ରତିଷ୍ଠା କରିଥିଲେ। (ଉୟୁନୁଲ୍ ଅସର୍, ଖଣ୍ଡ-୧, ପୃଷ୍ଠା-୨୩୨, ଜିକ୍‌ରୁଲ୍ ମୁଆଖାତ୍, ଦାରୁଲ୍ କଲମ୍ ବେରୁତ୍ - ୧୯୯୩)

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅ ନିଜର ତିନିଜଣ ଭାଇ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ, ହଜ୍‌ରତ୍ କୁଦାମା ବିନ୍ ମଜ୍‌ଉନ୍ ର:ଅ ଏବଂ ହଜ୍‌ରତ୍ ସାଇବ୍ ବିନ୍ ମଜ୍‌ଉନ୍ ର:ଅଙ୍କ ସହିତ ବଦର୍ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ୍ ହୋଇଥିଲେ।

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅ ବଦର୍ ଯୁଦ୍ଧ ବ୍ୟତୀତ ୱହଦ୍, ଖନ୍ଦକ ଏବଂ ଅନ୍ୟ ସମସ୍ତ ଗଜ୍‌ୱାତ୍‌ରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ୍ ହୋଇଥିଲେ। ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ଖିଲାଫତ୍ ସମୟରେ ୩୦ ହିଜ୍‌ରିରେ ଷାଠିଏ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। (ଉସଦୁଲ୍ ଗାବା ଫି ମାରଫତିସାହାବା ଲେ ଇବ୍‌ନେ ଅସିର୍, ଖଣ୍ଡ-୨, ପୃଷ୍ଠା-୩୯୯, ହଜ୍‌ରତ୍ ସାଇବ୍ ବିନ୍ ମଜ୍‌ଉନ୍ ର:ଅ, ବେରୁତ୍ ୧୯୯୬) (ତବକାତୁଲ୍ କୁବ୍‌ରା, ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୨୧୨,୨୧୪........ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅ, ବେରୁତ ୧୯୯୬)। ଅଲ୍ଲାଃତାଲା ଏହି ସାହାବା ମାନଙ୍କର ପଦମର୍ଯ୍ୟାଦାକୁ ଉଚ୍ଚରୁ ଉଚ୍ଚତର କରି ଚାଲନ୍ତୁ।

| ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ | ‘‘ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ।’’ *(ଖୁତ୍‌ବା ଜୁମା ପ୍ରଦତ୍ତ ୩ ଫେବୃୟାରୀ୨୦୧୭)* |
|---|---|

*ତାଲିବେ ଦୁଆ: Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

ବାସ୍ତବରେ ଏହା ହେଉଛି ଆମ ଧାର୍ମିକ କର୍ତବ୍ୟ କାରଣ ଇସଲାମର ପ୍ରତିଷ୍ଠାତା ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସ ଏ ଶିକ୍ଷା ଦେଇଛନ୍ତି ଯେ, ଯେଉଁ ବ୍ୟକ୍ତି ଅନ୍ୟ ବ୍ୟକ୍ତିକୁ ଧନ୍ୟବାଦ ଅର୍ପଣ କରୁନାହିଁ ସେ ଖୁଦାତାଲାଙ୍କର ମଧ କୃତଜ୍ଞତା ଜ୍ଞାପନ କରୁନାହିଁ।

ହଜୁର ଅନୱର ଅ:ବ:ଅ କହିଲେ ଏହି ସହରରେ ରହୁଥିବା ଅଧିକାଂଶ ଲୋକେ ହେଉଛନ୍ତି ଅଣମୁସଲମାନ ମାନଙ୍କର ଓ ଏହି ଇଲାକାରେ ଅହେମଦୀମାନଙ୍କର ସଂଖ୍ୟା ବହୁତ କମ୍ କିନ୍ତୁ ଏହା ସତ୍ୱେ ମଧ ଏଠିକାର ଲୋକମାନେ ଏବଂ କାଉଂଟି ଅଫିସିଆଲ୍ ଆମକୁ ଏଠାରେ ମସଜିଦ ନିର୍ମାଣ କରିବାକୁ ଅନୁମତି ଦେଇଛନ୍ତି। ଏହାଦ୍ୱାରା ଆପଣମାନଙ୍କ ବିଶାଳ ହୃଦୟ ଏବଂ ଭାଇଚାରାର ଉଚ୍ଚତମ ସ୍ତର ପ୍ରକାଶ ହେଉଅଛି। ପୁଣି ତା'ଠାରୁ ଅଧିକା କଥା ହେଉଛି ଏହା କି ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ମୁସଲମାନ ନୁହନ୍ତି। କିନ୍ତୁ ଏହା ସତ୍ୱେ ମଧ ଗୋଟିଏ ଧାର୍ମିକ ଏବଂ ଇସଲାମିୟ ଉତ୍ସବରେ ସାମିଲ ହେଉଛନ୍ତି। ଏ କଥା ମଧ ଆପଣଙ୍କ ଖୋଲା ମନକୁ ପ୍ରତିଫଳିତ କରୁଅଛି ଏବଂ ଏହା ଆପଣମାନଙ୍କ ଆପୋଷ ଭାଇଚାରା ଏବଂ ପୂଣ୍ୟ ପ୍ରକୃତି ଯୋଗୁଁ ହୋଇପାରିଛି। ଆପଣମାନେ ବହୁତ ସଫଳତାର ସହିତ ନିଜ ମଧ୍ୟରେ ନୁଆ କମ୍ୟୁନିଟି ଓ ନୁଆ ସୋସାଇଟିକୁ ଅଧିଗ୍ରହଣ କରିନେଉଛନ୍ତି।

ହଜୁର ଅନୱର ଅ:ବ:ଅ କହିଲେ ଆମେ ସମସ୍ତେ ଜାଣିଛେ ଯେ, ଏ ଯୁଗରେ ଇସଲାମକୁ ମିଡ଼ିଆରେ ବହୁ ମାତ୍ରାରେ ନକରାତ୍ମକ ରଙ୍ଗରେ ପରିବେଷଣ କରାଯାଉଅଛି। ଏହି ନକରାତ୍ମକ କଭ୍‌ରେଜ୍‌ର ସବୁଠାରୁ ବଡ଼ କାରଣ ହେଉଛି ଏହା କି କେତେକ ତଥାକଥିତ ମୁସଲମାନମାନଙ୍କର ଗୋଟିଏ ସଂଖ୍ୟାକୁ ଚରମପନ୍ଥୀ ବନାଯାଇଛି। ଯେଉଁମାନେ ନିଜର ଘୃଣାଭାବରେ ପରିପୂର୍ଣ୍ଣ କାର୍ଯ୍ୟବଳୀକୁ ସଠିକ୍ ପ୍ରମାଣିତ କରିବା ପାଇଁ ଇସଲାମର ନାମକୁ ବ୍ୟବହାର କରି ଭୀଷଣ ନିନ୍ଦା ମାର୍ଗକୁ ଅକ୍ତିଆର କରିଛନ୍ତି। ଏହା ଫଳରେ ଅଧିକାଂଶ ଅଣମୁସଲମାନମାନଙ୍କ ହୃଦୟରେ ଇସଲାମ ସମ୍ବନ୍ଧରେ ଶଙ୍କା ଓ ଭୟ ସୃଷ୍ଟି ହୋଇଛି ବରଂ ଲୋକମାନେ ଦିନକୁ ଦିନ ଇସଲାମ ଧର୍ମକୁ ସମାଜ ପାଇଁ ଏକ ବିପଦ ପୂର୍ଣ୍ଣ ଧର୍ମ ରୂପେ ବୁଝିବାକୁ ଲାଗିଲେଣି। ଏହି କଥାର ଆଲୋକରେ ସ୍ଥାନୀୟ ଲୋକମାନଙ୍କର ମସଜିଦ୍ ନିର୍ମାଣ କରିବାପାଇଁ ଅନୁମତି ଦେଇଦେବା ଏବଂ ପୁଣି ଏହି ମସଜିଦର ଉଦ୍‌ଘାଟନୀ ଉତ୍ସବର ଖୁସୀରେ ସାମିଲ ହେବା ଅତ୍ୟନ୍ତ ପ୍ରଶଂସନୀୟ କାର୍ଯ୍ୟ ଅଟେ। ଏବଂ ମତେ ଏକଥା ବାଧ୍ୟ କରୁଛି ଯେ, ମୁଁ ପୁଣି ଥରେ ଆପଣ ସମସ୍ତ ଲୋକମାନଙ୍କର ହୃଦୟର ଗଭୀରତମ ପ୍ରଦେଶରୁ ଧନ୍ୟବାଦ ଅର୍ପଣ କରୁଛି।

ହଜୁର ଅନୱର ଅ:ବ:ଅ କହିଲେ ମୁଁ ଆପଣମାନଙ୍କୁ ଏକଥାର ମଧ ନିଶ୍ଚିତ କରାଉଛି ଯେ, ମିଡିଆରେ ଯେଉଁଠି ଇସଲାମକୁ ନକରାତ୍ମକ ରଙ୍ଗରେ ପରିବେଷଣ କରାଯାଉଛି ତାହାର ଧର୍ମର ବାସ୍ତବିକତା ସହିତ କୌଣସି ସମ୍ପର୍କ ନାହିଁ। କେତେକ ବ୍ୟକ୍ତିଗତ ବା କେତେକ ଗୋଷ୍ଠି ଯେଉଁମାନେ ନିଜର ଘୃଣିତ କାର୍ଯ୍ୟକୁ ସଠିକ୍ ପ୍ରମାଣ କରିବାପାଇଁ ଇସଲାମର ନାମକୁ ବ୍ୟବହାର କରୁଛନ୍ତି। ସେମାନଙ୍କର ଇସଲାମ ସହିତ କୌଣସି ସମ୍ପର୍କ ନାହିଁ ଇସଲାମ ତ ପ୍ରେମ, ସ୍ନେହ, ଶାନ୍ତି , ସୁଲାହ ଏବଂ ଭାଇଚାରାର ଶିକ୍ଷା ଦେଇଥାଏ। ବାସ୍ତବରେ ‘‘ଇସଲାମ’’ ଏକ ଆରବୀ ଶବ୍ଦ ଓ ଏହାର ଅର୍ଥ ହେଉଛି ‘‘ଶାନ୍ତି’’। ସୁତରାଂ ଗୋଟିଏ ଧର୍ମ ଯାହାର ନାମ ଓ ଯାହାର ମୁଳଦୁଆ ହିଁ ଶାନ୍ତି ଉପରେ ପ୍ରତିଷ୍ଠିତ ତାହା ପାଇଁ ଏହା ଅସମ୍ଭବ ଯେ, ସେ ଏପରି କଥାର ଅନୁମତି ଦେଉ ବା ଏପରି କଥାକୁ ଆଗକୁ ବଢ଼ାଉ ଯଦ୍ୱାରା ସମାଜର ଶାନ୍ତି ବିପଦରେ ପଡ଼ିଯାଉ ବରଂ ଏପରି ଧର୍ମ ପାଇଁ ଜରୁରୀ ଅଟେ କି ସେ ଶାନ୍ତିକୁ ପ୍ରୋତ୍ସାହିତ କରୁ, ଏବଂ ମନୁଷ୍ୟ ଭିତରେ ପ୍ରେମ, ସ୍ନେହକୁ ପ୍ରଚାର କରୁ। ନିଶ୍ଚିତରୂପେ କୋରାନ୍ କରିମ୍ ଯିଏ ଆମର ପବିତ୍ର ପୁସ୍ତକ ଅଟେ ଇସଲାମୀୟ ଶିକ୍ଷା ଓ ଇସଲାମୀୟ କାନୁନ୍‌ର ସବୁଠାରୁ ଅଧିକା ଭରଷା ଯୋଗ୍ୟ ମାଧ୍ୟମ ଅଟେ। ଏଥିରୁ ଆମେ ଏକଥା ଶିଖିଛୁ। ପ୍ରାରମ୍ଭରୁ ନେଇ ଶେଷ ପର୍ଯ୍ୟନ୍ତ ପବିତ୍ର କୋରାନ୍ କେବଳ ଶାନ୍ତିର ପୁସ୍ତକ ଅଟେ। ଯାହା କି ଆନ୍ତର୍ଜାତିୟ ମାନବିକ ଅଧିକାରକୁ ନିଜ ଭିତରେ ସାଇତି ରଖିଛି। ଏହାର ଶିକ୍ଷା ମାନବ ଜାତିକୁ ମାନବିକତାର ଧ୍ୱଜା ତଳେ ଏକତ୍ରିତ କରିଛି ଓ ପ୍ରତ୍ୟେକ ବ୍ୟକ୍ତିଙ୍କ ଅଧିକାରର ଯମାନତ୍ ଦେଉଅଛି ଯେ ସେ ସମ୍ପୁର୍ଣ୍ଣ ସ୍ୱାଧୀନତା, ନ୍ୟାୟ ଏବଂ ଅଦଲ ସହିତ ଜୀବନ ଅତିବାହିତ କରିପାରିବ।

ହଜୁର ଅନୱର ଅ:ବ:ଅ କହିଲେ ପବିତ୍ର କୋରାନ୍‌ରେ କୁହାଯାଇଛି ଯେ, ଅଲ୍ଲାଃ ତାଲା ସବୁ ଜାତିରେ ଅବତାର ପଠାଇଛନ୍ତି ଯଦ୍ୱାରା ସେମାନେ ସେହି ଜାତି ଭିତରେ ବୁନିୟାଦି ଅଧିକାର ଓ ନ୍ୟାୟକୁ ପ୍ରତିଷ୍ଠା କରିବେ। ଏହି ରସୁଲ୍‌ମାନେ ଏଥିପାଇଁ ପ୍ରେରଣ ହୋଇଥିଲେ ଯେ, ସେହି ଜାତିର ଲୋକମାନଙ୍କର ସମ୍ପର୍କ ଅଲ୍ଲାଃ ତାଲାଙ୍କ ସହିତ ଓ ତାହାର ପ୍ରାଣୀଜଗତ ସହିତ ସ୍ଥାପନ ହୋଇଯାଉ। ଏବଂ ମାନବଜାତିକୁ ଜଣେ ଅନ୍ୟଜଣକର ଅଧିକାର ପ୍ରଦାନ କରିବା ପ୍ରତି ଧ୍ୟାନ ଆକର୍ଷଣ କରୁ। ଆମେ ମୁସଲମାନ ହୋଇଥିବାରୁ ଏହି ବିଶ୍ୱାସ ରଖିଛୁ ଯେ, ଏହି ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ଅଲ୍ଲାଃ ତାଲା ସମସ୍ତ ଜାତି ଭିତରେ ରସୁଲ୍ ଅର୍ଥାତ୍ ପ୍ରେରିତ ଦୂତ ପ୍ରେରଣ କରିଛନ୍ତି। ଏବଂ ବଡ଼ ବଡ଼ ଧର୍ମର ଇତିହାସ ଏ କଥା ପ୍ରମାଣ କରୁଛି ଯେ, ସମସ୍ତ ଅମ୍ବିୟା ଆ:ସ ଚାରିତ୍ରିକ ଓ ପୂଣ୍ୟର ଉଚ୍ଚତମ ପଦମର୍ଯ୍ୟାଦାରେ କାର୍ଯ୍ୟ କରୁଛନ୍ତି ଓ ଏହାର ତବ୍‌ଲିଗ କରୁଥିଲେ। ତେଣୁ ଇସଲାମ୍‌ର ଶିକ୍ଷାଗୁଡ଼ିକର ମାନବ ଜାତିକୁ ଏକାଠି କରିଥାଏ ଧର୍ମ, ବର୍ଣ୍ଣ, ଜାତିଠାରୁ ଉପରକୁ ଉଠି ଆପୋଷରେ ଆପୋଷ ପ୍ରେମ ଭାବ ଓ ସମ୍ମାନର ମନୋଭାବକୁ ପ୍ରୋତ୍ସାହିତ କରିଥାଏ। ଇସଲାମ ହେଉଛି ଏପରି ଏକ ଧର୍ମ ଯାହା ପ୍ରତିବନ୍ଧକକୁ ଭାଙ୍ଗି ଦିଏ ଏବଂ ଶାନ୍ତି ପ୍ରୀୟ ଏବଂ ସକାରାତ୍ମକ ବାର୍ତାଳାପକୁ ପ୍ରୋତ୍ସାହିତ କରିଥାଏ ସେଥିପାଇଁ ଜଣେ ସଚ୍ଚା ମୁସଲମାନ ସମ୍ବନ୍ଧରେ ଚିନ୍ତା ମଧ କରାଯାଇ ନ ପାରେ ଯେ, ସେ ଅନ୍ୟ ଧର୍ମର ବିରୋଧ କରୁ ଓ ତାକୁ ମାନୁଥିବା ଲୋକଙ୍କ ଉପରେ ଅତ୍ୟାଚାର କରାଯାଉ। ଇସଲାମ୍ କେବେ ଓ କଦାପି ଚରମପନ୍ଥୀର ଶିକ୍ଷା ଦିଏ ନାହିଁ ଏବଂ ନା ହିଁ ଅତ୍ୟାଚାରର ଶିକ୍ଷାକୁ କୌଣସି ପ୍ରକାରରେ ପ୍ରୋତ୍ସାହିତ କରିଥାଏ। ଯେଉଁଠି ମଧ କୌଣସି ମସୁଲମାନ ସନ୍ତ୍ରାସବାଦ ଆକ୍ରମଣ କରିଥାଏ ବା କୌଣସି ପ୍ରକାରର ଚରମପନ୍ଥୀ କାର୍ଯ୍ୟକଳାପ ପର୍ଦଶନ କରିଥାଏ ତେବେ ଏହା କେବଳ ଇସଲାମୀୟ ଶିକ୍ଷାଠାରୁ ଦୁରେଇଯିବା ଦ୍ୱାରା ହିଁ ହୋଇଥାଏ। ଏହିପରିକା ଲୋକେ ବା ଏହି ପ୍ରକାରର କାର୍ଯ୍ୟ କେବଳ ଓ କେବଳ ଇସଲାମର ପବିତ୍ର ନାମକୁ ହିଁ ଖରାପ କରିଥାଏ।

⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

**ସେହି ମସଜିଦ୍ ହେଉଛି ପ୍ରକୃତ ମସଜିଦ୍ ଯାହାର ମୁଳଦୁଆ ତକ୍‌ୱା ଅର୍ଥାତ ଧର୍ମପରାୟଣତା ଉପରେ ପର୍ଯ୍ୟବେସିତ**

**ଆମକୁ ଏହା ଚେଷ୍ଟା କରିବାକୁ ହେବ ଯେ, ଆମର ମସଜିଦ୍ ଗୁଡ଼ିକ ତକ୍‌ୱା ଉପରେ ଆଧାରିତ ହେଉ**

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ନବୀ କରିମ୍ ସ:ଆ:ସଙ୍କ ବଦ୍ରୀ ସାହାବାଗଣ ହଜରତ ଆସିମ୍ ବିନ୍ ଅଦି, ହଜରତ ଅମରୋ ବିନ୍ ଅଓଫ୍ ଏବଂ ହଜରତ ମାଆନ୍ ବିନ୍ ଅଦି ରଜିଅଲ୍ଲାହୁ ଅନ୍‌ହୁମାଙ୍କ ପବିତ୍ର ଜୀବନ ଚରିତର ହୃଦୟସ୍ପର୍ଶୀ ଚର୍ଚ୍ଚା**

**ନବୀ ଅକରମ୍ ସ:ଆ:ସଙ୍କ ତରଫରୁ ମସଜିଦ୍ ଜିରାର ଭଙ୍ଗା ଯିବାର ନିର୍ଦ୍ଦେଶ ଓ ଏହାର ପ୍ରଚ୍ଛଦପଟ**

**ନବୀ ଅକରମ୍ ସ:ଆ:ସଙ୍କ ଦେହାନ୍ତ ପରେ ହଜରତ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କର ଖିଲାଫତ ଚୟନର ବ୍ୟାଖ୍ୟା ମୂଳକ ବର୍ଣ୍ଣନା**

**ଅଲ୍ଲାଃ ତାଲା ପ୍ରତ୍ୟେକ ଅହେମଦୀଙ୍କୁ ମଧ୍ୟ ନବୁଓ୍ୱତ୍‌ର ପଦମର୍ଯ୍ୟାଦାକୁ ଚିହ୍ନିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏବଂ ଖିଲାଫତ ସହିତ ଭକ୍ତିଭାବ ନିଷ୍ଠାର ସମ୍ପର୍କ ସୃଷ୍ଟି କରିବା ପାଇଁ ମଧ୍ୟ ଶକ୍ତି ପ୍ରଦାନ କରନ୍ତୁ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ଅ.ବ**
**(ପ୍ରଦତ୍ତ: ୨୩ ଅଗଷ୍ଟ ୨୦୧୯ ଅନୁଯାୟୀ ୨୩ ଜହୁର୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେ୍ଲଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ବଦରୀ ସାହାବାମାନଙ୍କ ଚର୍ଚ୍ଚାରେ ଆଜି ମୁଁ ଯେଉଁ ସାହାବିଙ୍କର ଏଠାରେ ଗୁଣଗାନ କରିବି ତାଙ୍କ ନାମ ହେଉଛି **ହଜରତ ଆସିମ୍ ବିନ୍ ଅଦି ର:ଅ । ହଜରତ ଆସିମ୍ ବିନ୍ ଅଦି ର:ଅଙ୍କ** ବାପାଙ୍କ ନାମ ଅଦି ଥିଲା । ତାଙ୍କର ସମ୍ବନ୍ଧ ବନୁ ଅଜ୍‌ଲାନ୍ ବିନ୍ ହାରସାଃ କବିଲା ସହିତ ଥିଲା, ତାହା ବନୁ ଜୈଦ୍ ବିନ୍ ମାଲିକ କବିଲାର ହଲିଫ୍ ଅର୍ଥାତ ବନ୍ଧୁ କବିଲା ଥିଲା । ହଜରତ ଆସିମ୍ ର:ଅ ବନୁ ଅଜ୍‌ଲାନ୍‌ର ସର୍‌ଦାର୍ ଓ ହଜରତ ମାଆନ୍ ବିନ୍ ଅଦି ର:ଅଙ୍କ ଭାଇ ଥିଲେ ।

ହଜରତ ଆସିମ ର:ଅଙ୍କ କୁନିୟତ ଅର୍ଥାତ୍ ସାଙ୍ଗିଆ ଅବୁବକର୍ ଥିଲା ବୋଲି ବର୍ଣ୍ଣିତ ଅଛି । ଯେବେ କି କିଛି ଲୋକଙ୍କ ଅନୁସାରେ ତାଙ୍କ କୁନିୟତ ଅବୁ ଅବଦୁଲ୍ଲାଃ, ଅବୁ ଉମର ଏବଂ ଅବୁ ଅମ୍‌ରୋ ଥିଲା । ହଜରତ ଆସିମ ମଧ୍ୟମ ଉଚ୍ଚତା ବିଶିଷ୍ଟ ବ୍ୟକ୍ତି ଥିଲେ ଓ ବାଳରେ ମେହେଦି ଲଗାଉଥିଲେ । ହଜରତ ଆସିମ ର:ଅଙ୍କ ପୁତ୍ରଙ୍କ ନାମ ଅବୁଲ୍ ବଦ୍ଦାହ୍ ଥିଲା । *(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୩୫୪-୩୫୫ ଆସିମ୍ ବିନ୍ ଅଦି ର:ଅ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଉସଦୁଲ୍ ଗାବାଃ ଖଣ୍ଡ-୩, ପୃ-୧୧୧ ଆସିମ୍ ବିନ୍ ଅଦି ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୩)*

ହଜରତ ଅସିମ୍ ର:ଅଙ୍କ ଝିଅଙ୍କ ନାମ ସୁହେଲା ଥିଲା ଯାହାଙ୍କ ବିବାହ ହଜରତ ଅବଦୁର୍ ରହମାନ୍ ବିନ୍ ଅଓଫ୍ ର:ଅଙ୍କ ସହିତ ହୋଇଥିଲା । ତାଙ୍କଠାରୁ ଚାରିଜଣ ସନ୍ତାନ ଜନ୍ମ ହୋଇଥିଲେ । ତିନି ଜଣ ପୁତ୍ର ଯଥା ମାଆନ୍, ଉମର୍ ଏବଂ ଜୈଦ୍ , ଏବଂ ଜଣେ ଝିଅ ଅମତୁର୍ ରହ୍‌ମାନ୍ ସୁଗ୍‌ରାଃ । *(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୯୪ ଅବଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦)*

ଆଁ ହଜରତ ସ:ଆ:ସ ଯେବେ ବଦର ଯୁଦ୍ଧ ପାଇଁ ବାହାରିଲେ ସେତେବେଳେ ଆପଣ ସ:ଆ:ସ ହଜରତ ଆସିମ୍ ବିନ୍ ଅଦି ର:ଅଙ୍କୁ କୁବା ଓ ମଦିନାର ଉଚ୍ଚତମ ସ୍ଥାନ "ଆଲିୟା"ର ଅମୀର୍ ରୂପେ ନିୟୋଜିତ କଲେ । ଆଉ ଏକ ରିଓ୍ୱାୟତ୍‌ରେ ଆସୁଛି କି ରୁହାଠାରୁ ରସୁଲୁଲ୍ଲାଃ ସ:ଆ:ସ ହଜରତ ଆସିମ୍ ବିନ୍ ଅଦି ର:ଅଙ୍କ ମଦିନାର ଉଚ୍ଚତମ ସ୍ଥାନ ଆଲିୟାର ଅମୀର ନିୟୋଜିତ କରି ଫେରାଇ ଦେଇଥିଲେ । ଆଁ ହଜରତ ସ:ଆ:ସ ହଜରତ ଆସିମ ବିନ୍ ଅଦି ର:ଅଙ୍କୁ ଫେରାଇ ଦେବା ସତ୍ୱେ ମଧ୍ୟ ତାଙ୍କୁ ଅସ୍‌ହାବେ ବଦର୍ (ଅର୍ଥାତ୍ ବଦର ଯୁଦ୍ଧରେ ସାମିଲ ହୋଇଥିବା ସାହାବିମାନଙ୍କ) ମଧ୍ୟରେ ଗଣନା କରିଛନ୍ତି । ତାଙ୍କ ପାଇଁ ମାଲେ ଗନିମତ୍ (ଅର୍ଥାତ୍ ଯୁଦ୍ଧରେ ଜିତି ଆଣିଥିବା ଧନ ସମ୍ପତି)ରୁ ଭାଗ ଦେଇଛନ୍ତି । *(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୩୫୫ ଆସିମ୍ ବିନ୍ ଅଦି ର:ଅ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଅଲ୍ ଆସାବା ଫି ତମିଜିସ୍ ସାହାବା ଖଣ୍ଡ-୪୬୩ ଆସିମ୍ ବିନ୍ ଅଦି.........୧୯୯୫)*

ସିରତ୍ ଖାତମୁନ୍ ନବିୟିନ୍ ସ:ଆ:ସ ପୁସ୍ତକରେ ଏହି ଘଟଣାଟି ଏପରି ବର୍ଣ୍ଣିତ ଅଛି, ଯାହାକୁ ହଜରତ ମିର୍ଜା ବଶିର୍ ଅହମଦ୍ ସାହେବ ର:ଅ ଲେଖିଛନ୍ତି ଯେ "ମଦିନାରୁ ବାହାରିବା ସମୟରେ ଆଁ ହଜରତ ସ:ଆ:ସ ନିଜ ପଛରେ ଅବଦୁଲ୍ଲାଃ ବିନ୍ ଉମ୍ମେ ମକ୍‌ତୁମ୍ ର:ଅଙ୍କୁ ମଦିନାର ଅମୀର୍ ନିୟୋଜିତ କରିଥିଲେ କିନ୍ତୁ ଯେତେବେଳେ ଆପଣ ସ:ଆ:ସ ରୌହା ନାମକ ଜାଗା ନିକଟରେ ପହଂଚିଲେ, ଯାହା ମଦିନାଠାରୁ ୩୬ ମାଇଲ୍ ଦୂରତାରେ ଅବସ୍ଥିତ ସେତେବେଳେ ବୋଧ ହୁଏ ଏହି ଭାବନାରେ ଯେ ଅବଦୁଲ୍ଲାଃ ବିନ୍ ମକ୍‌ତୁମ୍ ଜଣେ ଅନ୍ଧ ବ୍ୟକ୍ତି, କୁରୈଶ୍‌ର ସେନା ଆସି ପହଂଚି ଯିବେ ତେଣୁ ଆପଣ ସ:ଆ:ସଙ୍କ ପରେ ମଦିନାର ବ୍ୟବସ୍ଥା ମଜ୍‌ବୁତ୍ ରହୁ, ତେଣୁ ଆପଣ ସ:ଆ:ସ ଅବୁଲ୍ ବାବା ବିନ୍ ମୁନ୍‌ଜିର୍‌ଙ୍କୁ ମଦିନାର ଅମୀର ନିୟୋଜିତ କରି ସେଠାରୁ ଲେଉଟାଇ ଦେଲେ ଓ ଅବ୍‌ଦୁଲ୍ଲାଃ ବିନ୍ ମକ୍‌ତୁମ୍‌ଙ୍କ ସପକ୍ଷରେ ଏ ନିର୍ଦ୍ଦେଶ ଦେଲେ ଯେ ସେ କେବଳ ଇମାମୁ ସ୍ ସଲାତ୍ (ଅର୍ଥାତ୍ ନମାଜ ପଢ଼ାଇବା ପାଇଁ) ନିୟୋଜିତ ହେବେ । କିନ୍ତୁ ବ୍ୟବସ୍ଥାଗତ କାର୍ଯ୍ୟସବୁ ଅବୁଲ୍ ବାବା ସମ୍ପାଦନ କରିବେ । ମଦିନର ଉଚ୍ଚ ଇଲାକା ଅର୍ଥାତ କୁବା ପାଇଁ ଆଁ ହଜରତ ଆସିମ୍ ବିନ୍ ଅଦି ର:ଅଙ୍କୁ ଅଲଗା ଅମୀର୍ ନିୟୋଜିତ କଲେ । *(ସିରତ୍ ଖାତମୁନ୍ ନବିୟିନ୍ ଲେଖକ ହଜରତ ସାହେବଜାଦା ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଏମ.ଏ ପୃ-୩୫୪)*

ହଜରତ ଆସିମ୍ ବିନ୍ ଅଦି ର:ଅ ଓହଦ୍ ଏବଂ ଖନ୍ଦକ ସମେତ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ୍ ହୋଇଥିଲେ । ହଜରତ ଆସିମ୍ ବିନ୍ ଅଦି ର:ଅ ୪୫ ହିଜ୍‌ରି ରେ ହଜରତ ମାଓ୍ୱିୟା ର:ଅଙ୍କ ଶାସନ କାଳରେ ମଦିନାରେ ଦେହତ୍ୟାଗ କଲେ । ସେ ସମୟରେ ତାଙ୍କର ବୟସ ୧୧୫ ବର୍ଷ ହୋଇଥିଲା । କେତେକଙ୍କ ମତରେ ସେ ୧୨୦ ବର୍ଷ ବଂଚିଥିଲେ । ଯେବେ ହଜରତ ଆସିମ୍‌ଙ୍କ ମୃତ୍ୟୁ ସମୟ ଆସିଲା । ସେତେବେଳେ ତାଙ୍କ ଘର ଲୋକମାନେ କାନ୍ଦିବା ଆରମ୍ଭ କରିଦେଲେ । ଏହା ଦେଖି ସେ କହିଲେ ମୋ ପାଇଁ କାନ୍ଦ ନାହିଁ କାରଣ ମୁଁ ତ ମୋ ବୟସ ବିତାଇ ସାରିଛି । *(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୩୫୫ ଆସିମ୍ ବିନ୍ ଅଦି ର:ଅ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୦) (ଅଲ୍ ଆସାବା ଫି ତମିଜିସ୍ ସାହାବା ଖଣ୍ଡ-୩, ପୃ-୪୬୪ ଆସିମ୍ ବିନ୍ ଅଦି........୧୯୯୫)* ଏବଂ ସେ ବହୁତ ଅଧିକା ବୟସ ପାଇଲେ ।

ରସୁଲେ କରିମ୍ ସ:ଆ:ସ ଯେବେ ତବୁକ୍ ଯୁଦ୍ଧ ପାଇଁ ସାହାବାମାନଙ୍କୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦେଲେ ସେତେବେଳେ ଆପଣ ସ:ଆ:ସ ଅମୀର୍ ମାନଙ୍କୁ ଅର୍ଥାତ୍ ଧନୀ ଶ୍ରେଣୀର

ଲୋକମାନଙ୍କୁ ଅଲ୍ଲାଃଙ୍କ ମାର୍ଗରେ ଧନ ଓ ବାହାନ ଦେବା ପାଇଁ ଆହ୍ୱାନ ମଧ୍ୟ ଦେଲେ । ଏଥିରେ ଲୋକମାନେ ନିଜ ନିଜର ସାମର୍ଥ୍ୟ ଅନୁସାରେ କୁର୍‌ବାନୀ ଅର୍ଥାତ୍ ବଳିଦାନ ଦେଲେ ଏହି ଅବସରରେ ହଜରତ ଅବୁବକର ର:ଅ ନିଜ ଘରର ସବୁତକ ଧନ ଆଣି ରଖିଦେଲେ ଓ ତାହା ଚାରି ହଜାର ଦିର୍‌ହମ୍ ଥିଲା । ରସୁଲୁଲ୍ଲାଃ ସ:ଆ:ସ ହଜରତ ଅବୁବକରଙ୍କୁ ପଚାରିଲେ କି ନିଜ ଘର ଲୋକଙ୍କ ପାଇଁ କିଛି ଛାଡ଼ି ଆସିଛ କି ନାହିଁ? ଏଥିରେ ସେ ଉତର ଦେଲେ ଯେ ଘର ଲୋକଙ୍କ ପାଇଁ ଅଲ୍ଲାଃ ଓ ତାହାଙ୍କ ରସୁଲ ସ:ଆ:ସ ଛାଡ଼ି ଆସିଛି । ହଜରତ ଉମର୍‌ଙ୍କୁ ପଚାରିଲେ କି ନିଜ ଘର ଲୋକଙ୍କ ପାଇଁ କିଛି ଛାଡ଼ି ଆସିଛ କି ନାହିଁ? ସେ ଉତର ଦେଲେ ନିଜ ଘରର ଅଧା ଧନ ଛାଡ଼ି ଆସିଛି । ଏହି ଅବସରରେ ଅଜରତ ଅବଦୁର୍ ରହମାନ୍ ବିନ୍ ଅଓଫ୍ ର:ଆ ଏକ ଶହ ଅଓକିୟା ଦେଲେ । ଏକ ଅଓକିୟା ହେଉଛି ଚାଳିଶ ଦିର୍‌ହମ୍ । ଏଥିରେ ଆଁ ହଜରତ ସ:ଆ:ସ କହିଲେ ଉସ୍‌ମାନ୍ ବିନ୍ ଅଫାନ୍ ର:ଅ ଏବଂ ଅବଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ ପୃଥିବୀରେ ଅଲ୍ଲାଃତାଲାଙ୍କ ଭଣ୍ଡାରମାନଙ୍କ ମଧ୍ୟରୁ ଭଣ୍ଡାର ଅଟନ୍ତି । ଏମାନେ ଅଲ୍ଲାଃଙ୍କ ପ୍ରସନ୍ନତା ପାଇବା ପାଇଁ ଖର୍ଚ୍ଚ କରୁଛନ୍ତି । ଏହି ମୌକାରେ ମହିଳା, ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ଏବଂ ତାଙ୍କ ସାଥିମାନଙ୍କୁ ବାହାର କରିଦେବେ ।

ଯେବେ ସେହି ମସ୍‌ଜିଦ୍‌ଟିର ନିର୍ମାଣ ସମ୍ପୁର୍ଣ୍ଣ ହେଲା । ତାଙ୍କ ଲୋକମାନେ ଆଁ ହଜରତ ସ:ଆ:ସଙ୍କ ନିକଟରେ ଉପସ୍ଥିତ ହୋଇ କହିଲେ ଏହି ମସ୍‌ଜିଦ୍ ବେମାର ଲୋକଙ୍କ ନିମନ୍ତେ ଓ ଅକ୍ଷମ ମାନଙ୍କ ସୁବିଧା ପାଇଁ ତିଆରି କରାଯାଇଅଛି ଯେ ସେମାନେ ଅଧିକା ଦୂର ବାଟ ନମାଜ ପଢ଼ିବା ପାଇଁ ଯାଇପାରୁ ନାହାନ୍ତି । ତତ୍‌ସହିତ ଆପଣ ସ:ଆ:ସଙ୍କୁ ଏ ଦରଖାସ୍ତ ମଧ୍ୟ କଲେ କି ଏହି ମସଜିଦ୍‌ରେ ନାମଜ ପଢ଼ିବା ପାଇଁ ଆସନ୍ତୁ । ଆଁ ହଜରତ ସ:ଆ:ସ କହିଲେ ଯେ ମୁଁ ବର୍ତମାନ ଯାତ୍ରା କରିବା ପ୍ରସ୍ତୁତିରେ ବ୍ୟସ୍ତ ଅଛି । ଇନ୍‌ଶାଅଲ୍ଲାଃ ଯେବେ ଆମେ ଫେରିଆସିବୁ ସେତେବେଳେ ମୁଁ ନାମଜ ପଢ଼ାଇବି । ଏହା ତବୁକ୍ ଯୁଦ୍ଧ ନିମନ୍ତେ ଯାତ୍ରା ଥିଲା । ତବୁକ୍ ଯୁଦ୍ଧରୁ ଫେରିବା ସମୟରେ ନବି କରିମ୍ ସ:ଆ:ସ ମଦିନାଠାରୁ ଅଳ୍ପ ଦୂରତାରେ ଅବସ୍ଥିତ ଏକ ସ୍ଥାନ "ଜି ଅୱାନ୍" ଠାରେ ରହିଲେ । ସେଠାରୁ ମଦିନା ଏକ ଘଂଟାର ଦୂରତା । ସେହି ସମୟରେ ଆପଣ ସ:ଆ:ସଙ୍କୁ ମସ୍‌ଜିଦ୍ ଜିରା୍ ସମ୍ବନ୍ଧରେ ଏହି ୱହି (ଅର୍ଥାତ୍ ସ୍ୱର୍ଗବାଣୀ) ହେଲା ତାହା ସୁରଃ ତୌବାଃରେ ବର୍ଣ୍ଣିତ ଅଛି । ୱଲ୍ଲଜିନା ଇତ୍‌ତଖଜୁ ମସଜିଦନ୍ ଜିରାରନ୍ ୱ କୁଫ୍‌ରନ୍ ୱ ତଫ୍‌ରିକମ୍ ବିନଲ୍ ମୁଉମିନିନା ୱ ଇର୍‌ସାଦଲ୍ ଲିମନ୍ ହାରବାଲ୍ଲାହା ୱ ରସୁଲହୁ ମିନ୍ କବ୍‌ଲୁ । ୱଲ୍ ୟହଲିଫୁନ୍ନା ଇନ୍ ଅରହ୍‌ନା ଇଲ୍ଲଲ୍ ହୁସ୍‌ନା ୱଲ୍ଲାହୁ ୟଶହଦୁ ଇନ୍ନହୁମ୍ ଲ କାଜିବୁନ୍ (ତୌବାଃ: ୧୦୭) ଅର୍ଥାତ୍ ଏବଂ ଯେଉଁ ଲୋକମାନେ ଅନିଷ୍ଟ ସାଧନ କରିବା ଓ ଅବିଶ୍ୱାସର ପ୍ରଚାର କରିବା ଉଦ୍ଦେଶ୍ୟରେ ତଥା ବିଶ୍ୱାସକାରୀମାନଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରିବା ଓ ଯେଉଁ ବ୍ୟକ୍ତି ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ବିରୁଦ୍ଧରେ ପୂର୍ବରୁ ଯୁଦ୍ଧ କରିଅଛି, ତାହାକୁ ଗୁପ୍ତସ୍ଥାନ ଯୋଗାଇବା ପାଇଁ ଉପାସନା ଗୃହକୁ ମନୋନୀତ କରିଅଛନ୍ତି, ସେମାନେ ନିଶ୍ଚୟ ଶପଥ ପୂର୍ବକ କହିବେ ଯେ (ଏହି ଉପାସନା ଗୃହ ନିର୍ମାଣରେ) ଆମ୍ଭର ଉଦ୍ଦେଶ୍ୟ ମହତ୍ ଥିଲା; କିନ୍ତୁ ଅଲ୍ଲାଃ ସାକ୍ଷ୍ୟ ଯେ ସେମାନେ ବାସ୍ତବରେ ମିଥ୍ୟାବାଦୀ ।

ଆପଣ ସ:ଆ:ସ ତା ପରେ ମାଲିକ୍ ବିନ୍ ଦଖ୍‌ତମ୍ ଏବଂ ମାଆନ୍ ବିନ୍ ଅଦି ର:ଅଙ୍କୁ ଡ଼କାଇ ପଠେଇଲେ ଏବଂ ସେମାନଙ୍କୁ ସେହି ମସଜିଦ୍ ଜିରାରକୁ ଭାଙ୍ଗିବା ପାଇଁ ନିର୍ଦ୍ଦେଶ ଦେଲେ । କିଛି ରିୱାୟତ୍‌ରେ ଏହା ମଧ୍ୟ ରହିଛି ଯିଏ ହଜରତ ହମ୍‌ଜାଃ ର:ଅଙ୍କୁ ଶହୀଦ୍ କରିଥିଲେ ଏବଂ ସୁୱେଦ୍ ବିନ୍ ଅବ୍‌ବାସ୍‌ଙ୍କୁ ମଧ୍ୟ ଆଁ ହଜରତ ସ:ଆ:ସ ଏହି ଉଦ୍ଦେଶ୍ୟ ପାଇଁ ପଠାଇଥିଲେ । ଶରହ ଜର୍‌କାନୀରେ ମଧ୍ୟ ଲେଖାଯାଇଛି ଯେ ସମ୍ଭବତଃ ଆଁ ହଜରତ ସ:ଆ:ସ ପ୍ରଥମେ ଦୁଇଜଣ ବ୍ୟକ୍ତିଙ୍କୁ ପଠାଇଥିବେ ପୁଣି ଆଉ ଚାରିଜଣଙ୍କୁ ତାଙ୍କୁ ସାହାଯ୍ୟ କରିବା ପାଇଁ ପଠାଇଥିବେ । ଆପଣ ସ:ଆ:ସ ସେମାନଙ୍କୁ ମସ୍‌ଜିଦ୍ ଜିରାର ଆଡ଼କୁ ଯିବା ପାଇଁ ନିର୍ଦ୍ଦେଶ ଦେଲେ ଯେ ତାକୁ ଭାଙ୍ଗିଦିଅ ଏବଂ ନିଆଁ ଲଗାଇଦିଅ । ସେ କହୁଛନ୍ତି ଯେ ଏମାନେ ସମସ୍ତେ ଯଥାଶିଘ୍ର ବନୁ ସାଲିମ୍ କବିଲାରେ ପହଂଚିଲେ ତାହା **ହଜରତ ମାଲିକ୍ ବିନ୍ ଦଖଶମ୍** ଙ୍କ କବିଲା ଥିଲା । ହଜରତ ମାଲିକ୍ ବିନ୍ ଦଖ୍‌ଶମ୍ ର:ଅ ହଜରତ ମାଆନ୍‌ଙ୍କୁ କହିଲେ ମତେ କିଛି ସମୟ ଦିଅ ଯଦ୍ୱାରା ମୁଁ ଘରୁ କିଛି ନିଆଁ ନେଇ ଆସିବି । ସୁତରାଂ ସେ ଘରୁ ଖଜୁରୀ ଗଛର ସୁଖିଲା ଡ଼ାଳକୁ ନିଆଁ ଲଗାଇ ଆଣିଲେ । ପୁଣି ସେ ନମାଜ ମଗ୍‌ରିବ୍ ଓ ଇଶାର ମଝାମଝି ସମୟରେ ମସଜିଦ୍ ଜିରାର ନିକଟରେ ପହଂଚିଲେ ପୁଣି ଯାଇ ସେଥିରେ ନିଆଁ ଲଗାଇଦେଲେ ପୁଣି ତାକୁ ମାଟିରେ ମିଶାଇଦେଲେ । ଏହି ଅଂଶଟି ମୁଁ ପୂର୍ବରୁ ହଜରତ ମାଲିକ୍ ବିନ୍ ଦଖ୍‌ଶମ୍‌ଙ୍କ ବିଷୟରେ ବର୍ଣ୍ଣନା କରିଥିଲି । ସେ ଯାହାହେଉ ସେ ସମୟରେ ସେହି ମସଜିଦକୁ ନିର୍ମାଣ କରିଥିବା ଲୋକମାନେ ସେଠାରେ ଉପସ୍ଥିତ ଥିଲେ କିନ୍ତୁ ନିଆଁ ଲଗାଯିବା ପରେ ସେମାନେ ଇତସ୍ତତଃ ପଳାୟନ କଲେ । ଯେବେ ନବି କରିମ୍ ସ:ଆ:ସ ମଦିନା ଆସିଲେ ଏହି ମସଜିଦ ଥିବା ଯାଗାଟିକୁ ଆସିମ୍ ବିନ୍ ଅଦିଙ୍କୁ ଦେବାକୁ ଚାହିଁଲେ ଯେ ସେ ଏହି ସ୍ଥାନଟିରେ ନିଜରଘର ତିଆରି କରନ୍ତୁ । କିନ୍ତୁ ଆସିମ୍ ବିନ୍ ଅଦି ର:ଅ କହିଲେ ମୁଁ ଯମା ନେବି ନାହିଁ । ସେ ଏଥି ସକାଶେ ମନା କଲେ କି ସେହି ସ୍ଥାନ ସମ୍ବନ୍ଧରେ ଅଲ୍ଲାଃ ତାଲା ଯାହା ଅବତୀର୍ଣ୍ଣ କରିବାର ଥିଲା ତାହା କଲେ ଅର୍ଥାତ୍ ତାହାତ ଏପରି ସ୍ଥାନ ହେଲା ଯାହା ଅଲ୍ଲାଃଙ୍କୁ ପସନ୍ଦ ନାହିଁ, ତେଣୁ ମୁଁ ମଧ୍ୟ ଚାହୁଁନାହିଁ । ଭଲ ହେବ ଏହି ସ୍ଥାନକୁ ସାବିତ୍ ବିନ୍ ଅକ୍‌ରମ୍‌ଙ୍କ ଦେଇ ଦିଆଯାଉ କାରଣ ତାଙ୍କର କୌଣସି ଘର ନାହିଁ । ସେ ଏଠାରେ ନିଜର ଘର ତିଆରି କରିନେବେ । ତେଣୁ ରସୁଲେ କରିମ୍ ସ:ଆ:ସ ଉକ୍ତ ମସଜିଦ ଅର୍ଥାତ୍ ମସଜିଦ ଜିରାର ନିର୍ମାଣ ହୋଇଥିବା ସ୍ଥାନଟିକୁ ସାବିତ୍ ବିନ୍ ଅକ୍‌ରମ୍‌ଙ୍କୁ ଦେଇ ଦେଲେ ।

ଇବ୍‌ନେ ଇସ୍‌ହାକ୍‌ଙ୍କ ମୁତାବକ ମସଜିଦ୍ ଜିରାର ନିର୍ମାଣ କରିଥିବା ମୁନାଫିକ୍ ମାନଙ୍କ ନାମ ଏପରି । ଖିଜାମ୍ ବିନ୍ ଖାଲିବ୍, ମାତବ୍ ବିନ୍ କସିର୍, ଅବୁ ହବିବା ବିନ୍ ଅଜ୍‌ଅର୍, ଇବାଦ୍ ବିନ୍ ହୁନୈଫ୍, ଜାରିୟା ବିନ୍ ଆମିର୍ ଏବଂ ତାଙ୍କର ଦୁଇଜଣ ପୁତ୍ର ମଜମ୍ମଅ ବିନ୍ ଜାରିୟା ଓ ଜୈଦ୍ ବିନ୍ ଜାରିୟା, ନଫିଲ୍ ବିନ୍ ହରସ୍, ବହ୍‌ଜଜ୍ ବିନ୍ ଉସ୍‌ମାନ , ଏବଂ ୱଦିୟା । ତେବେ ସେ ଯାହାହେଉ ଏମାନେ ସମସ୍ତେ ଅବୁ ଆମିର୍ ରହବ୍ ସହିତ ମିଶିଯାଇଥିଲେ, ଯାହାଙ୍କ ନାମକୁ ରସୁଲୁଲ୍ଲାଃ ସ:ଆ:ସ ଫାସିକ୍ (ଅର୍ଥାତ୍ ବିଭ୍ରାଟ ସୃଷ୍ଟିକାରୀ) ରଖିଥିଲେ ।

*(ସୁବୁଲଲ୍ ହୁବା ୱର୍ ରଶାଦ୍ ଖଣ୍ଡ-୫, ପୃ- ୪୭୦-୪୭୨ ଗଜ୍‌ୱାଏ ତବୁକ୍ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୧୯୯୩) (ଶରହ୍ ଜର୍‌କାନୀ....... ଖଣ୍ଡ-୪, ପୃ-୯୭-୯୮....... ବେରୁତ ୧୯୯୬)*

ହଜରତ ମସିହ ମଉଦ୍ ଆ:ସ ମଧ୍ୟ ଥରେ ଦିଲ୍ଲି ଗସ୍ତରେ ଯେବେ ଯାଇଥିଲେ, ଦିଲ୍ଲିର ଯାମେ ମସଜିଦ୍‌କୁ ଦେଖି କହିଲେ ବହୁତ ସୁନ୍ଦର ମସଜିଦ । କିନ୍ତୁ ପୁଣି କହିଲେ ଯେ "ମସଜିଦ୍ ର ଅସଲ ସୌନ୍ଦର୍ଯ୍ୟ ତା'ର ଘର / ଅଟ୍ଟାଳିକା ସହିତ ନଥାଏ ବରଂ ସେହି ନମାଜି ମାନଙ୍କ ସହିତ ଥାଏ ଯେଉଁମାନେ ନିଷ୍ଠାର ସହିତ ନମାଜ ପଢୁଛନ୍ତି ।" ସେ ସମୟରେ ବହୁତ ମସଜିଦ ନିର୍ଜନ ଅବସ୍ଥାରେ ପଡ଼ି ରହିଥିଲା । "ରସୁଲେ କରିମ୍ ସ:ଆ:ସଙ୍କ ମସଜିଦ୍ ଛୋଟିଆ ମସଜିଦ୍ ଥିଲା" ଆପଣ ସ:ଆ:ସ କହିଲେ "ଖଜୁରୀ ଡ଼ାଳରେ ତା'ର ଛାତ ତିଆରି କରାଯାଇଥିଲା" ଆରମ୍ଭରେ ଏବଂ ବର୍ଷା ସମୟରେ (ମସଜିଦ)ର ଛାତରୁ ପାଟି ଟପକୁ ଥିଲା । ମସଜିଦର ସୁନ୍ଦରା ନାମଜି ମାନଙ୍କ ସହିତ ହୋଇଥାଏ । ଆଁ ହଜରତ ସ:ଆ:ସଙ୍କ ସମୟରେ ସଂସାର ପ୍ରେମୀ ଲୋକେ ଏକ ମସଜିଦ ନିର୍ମାଣ କରିଥିଲେ, ତାହାକୁ ଖୁଦାଙ୍କ ନିର୍ଦ୍ଦେଶରେ ଭାଙ୍ଗି ଦିଆଗଲା । ସେହି ମସଜିଦକୁ ମାଟିରେ ମିଶାଇ ଦିଆଗଲା । ମସଜିଦ୍ ନିମନ୍ତେ ନିର୍ଦ୍ଦେଶ ରହିଛି" ଆପଣ ଆ:ସ କହିଲେ ଯେ ମସଜିଦ୍ ପାଇଁ ନିର୍ଦ୍ଦେଶ ରହିଛି" । ଆପଣ ଆ:ସ କହିଲେ ଯେ ମସଜିଦ୍ ପାଇଁ ଏ ନିର୍ଦ୍ଦେଶ ଅଛି "ଯେ ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା) ନିମନ୍ତେ ନିର୍ମାଣ କରାଯାଉ ।" *(ମଲ୍‌ଫୁଜାତ ଖଣ୍ଡ-୮, ପୃ-୧୭୦)*

ସୁତରାଂ ଏହା ହେଉଛି ମସଜିଦର ଅସଲ ବାସ୍ତବିକତା । ଆଜିକାଲି ମୁସଲମାନମାନଙ୍କ ଗୋଟିଏ ଗୋଷ୍ଠି ମସଜିଦ୍‌ରେ ଜନସଂଖ୍ୟା ବୃଦ୍ଧି ପ୍ରତି ଆଗ୍ରହ ବଢ଼ିଛି । ଆଶ୍ଚର୍ଯ୍ୟର କଥା ଏହା କି ଏହି ଆଗ୍ରହ ମଧ୍ୟ ହଜରତ ମସିହ ମଉଦ ଆ:ସଙ୍କ ଆବିର୍ଭାବ ହେବା ପରେ ହୋଇଛି । ଯଦି କିଛି ମୌକା ସୃଷ୍ଟି ହୋଇଛି, ସାହାସ ସୃଷ୍ଟି ହୋଇଛି ବା  ଉପାସନା କରିବା ପ୍ରତି ଧ୍ୟାନ ଆକର୍ଷଣ ହୋଇଛି ବା ପ୍ରକାଶ୍ୟ ଉପାସନା ପ୍ରତି ଧ୍ୟାନ ଆକର୍ଷଣ ହୋଇଛି, ତେବେ ଏହା ମଧ୍ୟ ଆପଣ ଆ:ସଙ୍କ ଦାବି ପରେ ହିଁ ହୋଇଛି । କିନ୍ତୁ ଏହା ସତ୍ୱେ ମଧ୍ୟ ବହୁତ ଧ୍ୟାନ ଦେଇ ମସଜିଦ୍ ନିର୍ମାଣ କରୁଛନ୍ତି ଓ ମସଜିଦ ବହୁତ ସୁନ୍ଦର ନିର୍ମାଣ କରୁଛନ୍ତି । ଆଜିକାଲି ବିଶେଷତଃ ପାକିସ୍ତାନରେ ମସଜିଦ୍ ଗୁଡ଼ିକୁ ନମାଜିଙ୍କ ଦ୍ୱାରା ପରିପୂର୍ଣ୍ଣ କରିବା ପ୍ରତି ବହୁତ ଧ୍ୟାନ ଦିଆଗଲାଣି କିନ୍ତୁ ଏହା ତକ୍‌ୱା ଅର୍ଥାତ୍ ଧର୍ମନିଷ୍ଠାରୁ ରହିତ ମସଜିଦ୍ ଅଟନ୍ତି । ଅଲ୍ଲାଃ ତାଲା ମସଜିଦ୍ ଜିରାରକୁ ଭାଙ୍ଗିବାପାଇଁ ଯେଉଁ ନିର୍ଦ୍ଦେଶ ଦେଇଥିଲେ ତା ଆଗ ଆୟତରେ ଏହା ମଧ୍ୟ ସ୍ୱଷ୍ଟ ଭାବେ କହିଛନ୍ତି ଯେ ସେହି ମସଜିଦ୍ ହେଉଛି ପ୍ରକୃତ ମସଜିଦ ଯାହାର ମୂଳଦୁଆ ତକ୍‌ୱା ଉପରେ ଆଧାରିତ । କିନ୍ତୁ ଏହି ଅଣ ଅହେମଦୀ ମୌଲବୀମାନେ ନିଜ ମନେ ମନେ ତକ୍‌ୱା କେବଳ ସେହି କଥାକୁ ବୁଝିଛନ୍ତି ଯେ ହଜରତ ମସିହ ମୁଦ ଆ:ସଙ୍କ ବିରୋଧରେ ମସଜିଦ୍‌ରେ ଛିଡ଼ା ହୋଇ ନିନ୍ଦା କରାଯାଉ । କୁଭାଷା ଓ ଗାଳିଗୁଲଜ ଆପଣ ଆ:ସଙ୍କ ସମ୍ବନ୍ଧରେ ବ୍ୟବହାର କରାଯାଉ । ଯମାତ୍ କୁ ଗାଲି ଦିଆଯାଉ । କେବଳ ଏତିକି ନୁହେଁ ବରଂ ଅଧିକାଂଶ ସମୟ ଏପରି ଘଟଣା ଘଟୁଛି ଯେ ଏହି ମସଜିଦ୍ ଗୁଡ଼ିକରେ ଦଙ୍ଗା ଫିସାଦ୍ ହେବା ଅଧିକାଂଶ ଭାଇରାଲ୍ ହେଉଛି । ଯେଉଁଥିରେ ଗଣ୍ଡଗୋଳ ହେବା ଓ ଜଣେ ଅନ୍ୟ ଜଣଙ୍କୁ ଗାଳି କରିବା କଥା ଜଣାପଡୁଛି । ସୁତରାଂ ଏହି ସମସ୍ତ କଥା ଜଣାଇ ଦେଉଛି ଯେ ଏମାନଙ୍କଠାରେ ତକ୍‌ୱାର ସ୍ୱଳ୍ପତା ରହିଛି ଏବଂ ସେମାନଙ୍କ ମସଜିଦରେ ମସଜିଦର ବାସ୍ତବିକ କର୍ମରୁ ଆମେ ଅହେମଦୀମାନେ ମଧ୍ୟ ଶିକ୍ଷା ନେବା ଉଚିତ । ଆମକୁ ଏଚେଷ୍ଟା କରିବା ଉଚିତ ହେବ କି ଆମ ମସଜିଦ୍ ଗୁଡ଼ଇକ ତକ୍‌ୱା ଉପରେ ଆଧାରିତ ହେଉ । ତେଣୁ ଆମେ ତକ୍‌ୱାକୁ ସମ୍ମୁଖରେ ରଖି ଏହି ମସଜିଦକୁ ପୂରଣ କରିବା ପାଇଁ ଆସିବା । ଏହା ହିଁ ଅସଲ ବାସ୍ତବିକତା । ଯଦି ଏହା ପ୍ରତିଷ୍ଠା ହେବ ଏବଂ ଯେବେ ଯାଏଁ ପ୍ରତିଷ୍ଠା ରହିବ ସେ ପର୍ଯ୍ୟନ୍ତ ଆମେ ଅଲ୍ଲାଃଙ୍କ କୃପାର ଉତରାଧିକାରୀ ହୋଇ ରହିବା ଇନ୍‌ଶାଅଲ୍ଲାଃ ତାଲା ।

ହଜରତ ଖଲିଫା ଅୱଲ ର:ଅ ଏ ସମ୍ବନ୍ଧରେ କହୁଛନ୍ତି ଯେ "ଲମିନ୍ ହାରବଲ୍ଲାହା" ଏହାକୁ ବ୍ୟାଖ୍ୟା କରି କହୁଛନ୍ତି ଯେ "ଏହା ଅବୁ ଆମିର୍ ଆଡ଼କୁ ଇସାରା ଅଛି ଯିଏ ଇସାଇ ଥିଲା । ତାର ଧୁର୍ତତା ମଧ୍ୟରୁ ଗୋଟିଏ ଧୁତକର୍ମ ଏହା ଥିଲା ଯେ କିପରି ରସୁଲେ କରିମ୍ ସ:ଆ:ସ


**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ସଂସାର ପ୍ରାପ୍ତ କରିବାର ଅସଲ ଉଦ୍ଦେଶ୍ୟ ଦୀନ୍ (ଅର୍ଥାତ୍ ଧର୍ମ) ହେଉ ଓ ଏଭଳି ଭାବେ ସଂସାରକୁ ପ୍ରାପ୍ତ କରାଯାଉ ଯେ ତାହା ଦୀନ୍‌ର ଖାଦିମ୍ ଅର୍ଥାତ୍ ସେବକ ହେଉ ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Siddique Ahmed & Family,*
*Jamat Ahmadiyya, Kerang (Odisha)*



**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family,*
*Jamat Ahmadiyya, Pankal (Odisha)*

ଏହି ମସଜିଦରେ ନିମାଜ ପଢ଼ି ନିଅନ୍ତୁ ଫଳତଃ କିଛି ମୁସଲମାନ ଏପଟକୁ ମଧ୍ୟ ଚାଲି ଆସିବେ। ଏହିପରି ମୁସଲମାନମାନଙ୍କ ଗୋଷ୍ଠିକୁ ଭାଙ୍ଗି ଦେବି। ଏହି ଅବୁ ଆମିର୍ ନିଜର ଏକ ରୋୟା ଅର୍ଥାତ୍ ସ୍ୱପ୍ନ ମଧ୍ୟ ପ୍ରଶିଦ୍ଧି କରି ରଖିଥିଲା ଯେ ମୁଁ ଦେଖିଛି ଯେ ନବି କରିମ୍ ସ:ଆ:ସ ହେଉଛନ୍ତି **ୱହିଦନ୍ ତରିଦନ୍ ଶରିଦନ୍"** ଅର୍ଥାତ୍ ପ୍ରତାଡ଼ିତ (ଅଲ୍ଲାଃଙ୍କ ଶରଣ) କହିଲେ ଯେ ଏ ସ୍ୱପ୍ନ ସତ୍ୟ ସ୍ୱପ୍ନ ସେ ଠିକ କହୁଛି। ଆସଲ କଥା ହେଉଛି ଏହା କି "ସେ ନିଜର ଅବସ୍ଥାକୁ ଦେଖିଛି ସୁତରାଂ ସେହିପରି ହିଁ ହେଲା।" ଆପଣ ସ:ଆ:ସ ତା' ନାମ ନ ଧରି କହିଲେ। ଏହି ନାମ ନ ଧରିବାର ଅସଲ କାରଣ ଏହା କି "ଏହା ଏକ ବିଶେଷ ଖବର ଅଟେ ଏ ବାର୍ତା ଅକ୍ଷୟ ଯେ ଆସନ୍ତାକୁ ଯିଏ ଏପରି କାର୍ଯ୍ୟ କରିବ ତା'ର ଫଳ ମଧ୍ୟ ତାହା ହିଁ ହେବ।"

*(ହକାଏକୁଲ୍ ଫୁରକାନ୍ ଖଣ୍ଡ-୨, ପୃ-୩୧୦ ଜେରେ ଆୟତ ୱଲ୍ଲଜିନା.... ଜିରାରା)*

ଏବଂ ଆମେ ପୁଣି ଦେଖୁଛେ ଯେ ଆଜି ମଧ୍ୟ ସେହିପରି ଶତ୍ରୁମାନଙ୍କ ପରିଣାମ ହେଉଛି।

ଦ୍ୱିତୀୟ ସାହାବିଙ୍କର ନାମ ହେଉଛି ହଜରତ ଅମ୍ରୋ ବିନ୍ ଅଓଫ୍ ର:ଅ। ହଜରତ ଅମ୍ରୋ ବିନ୍ ଅଓଫ୍ ର:ଅ ନାମ ଅମୀର୍ ରୂପେ ମଧ୍ୟ ମିଳୁଛି ଏବଂ ତାଙ୍କ ବାପାଙ୍କ ନାମ ଅଓଫ୍ ଥିଲା। ହଜରତ ଅମ୍ରୋ ବିନ୍ ଅଓଫ୍ ର:ଅଙ୍କ କୁନିୟତ ଅବୁ ଅମ୍ରୋ ଥିଲା। ସେ ମକ୍କାରେ ଜନ୍ମଗ୍ରହଣ କରିଥିଲେ। ଇବ୍ନେ ସାଆଦ୍ଙ୍କ ମୁତାବକ ସେ ୟମନର ନିବାସୀ ଥିଲେ। *(ଅଲ୍ଅସାବାଃ ଫି ତମିଜିସ୍ ସାହାବା ଲି ଇବ୍ନେ ହଜରତ ଅସ୍କଲାନି ଖଣ୍ଡ-୪, ପୃ-୫୫୨-୫୫୩, "ହଜରତ ଅମ୍ରୋ ବିନ୍ ଅଓଫ୍ ର:ଅ" ଦାରୁଲ୍ କୁତୁବୁଲ୍ ଇଲ୍ମିୟା ବେରୁତ ଲେବାନନ୍ ୨୦୦୫) (ତବକାତୁଲ୍ କୁବ୍ରା.....ଖଣ୍ଡ-୩, ପୃ-୨୫୪ ଦାରୁଲ୍ ଫିକର୍ ବେରୁତ ଲେବ୍ନାନ୍ ୨୦୧୨)*

ଐତିହାସିକ ମାନେ ଓ ଆତ୍ମକାହାଣୀ ଲେଖୁଥିବା ଲେଖକମାନେ ଏବଂ ହଦିସ୍ ଲେଖୁଥିବା ଲୋକମାନେ ଏହି ସାହବିଙ୍କ ନାମ ସମ୍ବନ୍ଧରେ ଭିନ୍ନ ଭିନ୍ନ ରାୟ ଦେଇଛନ୍ତି। ସୁତରାଂ ଇମାମ୍ ବୁଖାରୀ, ଇବ୍ନେ ଇସ୍ହାକ, ଇବ୍ଦେ ସାଆଦ୍, ଅଲ୍ଲାମାଃ ଇବ୍ଦେ ଅବ୍ଦୁଲ୍ ବର୍ର, ଅଲ୍ଲାମାଃ ଇବ୍ନେ ଅମିର୍ ଜଜ୍ରି ଇତ୍ୟାଦି ବ୍ୟକ୍ତି ବିଶେଷ ତାଙ୍କ ନାମକୁ ଅମ୍ରୋ ବୋଲି ବର୍ଣ୍ଣନା କରିଛନ୍ତି। ଯେବେ କି ଇବ୍ନେ ହୁଶାମ୍, ମୁସା ବିନ୍ ଅକ୍ବା, ଅବୁ ମାଆଶର୍ ମୁହମ୍ମଦ୍ ବିନ୍ ଅମ୍ରୋ ୱାକ୍ଦି ବଦ୍ରୁଦ୍ଦିନ୍ ଅଇନି ଏବଂ ଅଲ୍ଲାମାଃ ଇବ୍ନେ ହଜରତ ଅସ୍କଲାନି ଏହି ଦୁଇଜଣ ସହ୍ହି ବୁଖାରୀର ଶାରେହ୍ ଅର୍ଥାତ୍ ବ୍ୟାଖ୍ୟକାରୀ ଅଟନ୍ତି। ଏମାନଙ୍କ ଅନୁସାରେ ଅମ୍ରୋ ବିନ୍ ଅଓଫ୍ ଏବଂ ଅମୀର୍ ବିନ୍ ଅଓଫ୍ ଦୁଇଟିଯାକ ନାମ ଜଣେ ବ୍ୟକ୍ତିଙ୍କର। *(ତବକାତୁଲ୍ କୁବ୍ରା..... ଖଣ୍ଡ-୩, ପୃ-୩୧୦, ଖଣ୍ଡ-୪, ପୃ-୨୬୯..... ବେରୁତ ୧୯୯୦) (ଅଲ୍ଇସ୍ତିୟାବ୍......ଖଣ୍ଡ-୩, ପୃ-୨୭୪,........ ବେରୁତ ଲେବ୍ନାନ୍ ୨୦୦୨) (ଉମ୍ଦତୁଲ୍ କାରୀ ଖଣ୍ଡ-୧୫, ପୃ-୧୨୧..... ବେରୁତ ଲେବ୍ନାନ୍ ୨୦୦୩) (ଅଲ୍ ଅସାବାଃ..... ଖଣ୍ଡ-୪, ପୃ-୫୫୨-୫୫୨.... ବେରୁତ ଲେବ୍ନାନ୍ ୨୦୦୩) (ଉସଦୁଲ୍ ଗାବାଃ....... ଖଣ୍ଡ-୪, ପୃ-୨୪୬....... ବେରୁତ ୨୦୦୩) (ଇବ୍ନେ ହୁଶାମ୍ ପୃ-୪୬୩....... ଦାରୁଲ୍ କୁତୁବୁଲ୍ ଇଲ୍ମିୟା ବେରୁତ ୨୦୦୧)*

ଇମାମ୍ ବୁଖାରୀଙ୍କ ମୁତାବକ ହଜରତ ଅମ୍ରୋ ବିନ୍ ଅଓଫ୍ ର:ଅ ଅନ୍ସାରୀ କୁରୈଶ୍ର କବିଲା ବନୁ ଆମିର୍ ବିନ୍ ଲୁଇ ଇ ହଲିଫ୍ ଅର୍ଥାତ ମିତ୍ର ଥିଲେ। ଯେବେ କି ଇବ୍ନେ ହୁଶାମ୍ ଏବଂ ଇବ୍ନେ ସାଆଦ୍ ତାଙ୍କୁ କୁରୈଶ୍ର ବନୁ ଅମୀର୍ ବିନ୍ ଲୁଇ ବଂଶୀୟ ଅଭିହିତ କରିଛନ୍ତି। ଅଲ୍ଲାମାଃ ବଦ୍ରୁଦ୍ଦିନ୍ ଅଇନି ଯିଏ ବୁଖାରୀର ଶାରେହ ଅଟନ୍ତି, ସେ ଏହାକୁ ସମର୍ଥନ କରିଛନ୍ତି, ସେ ଦୁଇଟିଯାକ ଘଟଣାକୁ ଏପରି ମିଳାଇ ବର୍ଣ୍ଣନା କରିଛନ୍ତି ଯେ ବାସ୍ତବରେ ହଜରତ ଅମ୍ରୋ ବିନ୍ ଅଓଫ୍ ର:ଅ ଅନ୍ସାରଙ୍କ କବିଲା ଅଓସ୍ ବା ଖଜ୍ରଜ୍ର ଥିଲେ ସେ ମକ୍କା ଯାଇ ବସବାସ କଲେ ଓ ସେଠାରେ କିଛି ଲୋକଙ୍କର ମିତ୍ର ହୋଇଥିଲେ ତେଣୁ ଏହି ଦୃଷ୍ଟିକୋଣରୁ ସେ ଅନ୍ସାରୀ ମଧ୍ୟ ହେଲେ ଓ ମୁହାଜିର୍ ମଧ୍ୟ ହେଲେ। *(ସହ୍ହି ବୁଖାରୀ କିତାବୁଲ୍ ଜିଜ୍ୟା ବାବୁଲ୍ ଯିଜ୍ୟତି ୱଲ୍ ମୁଆନଅତି ମାଆ ଅହଲିଲ୍ ହର୍ବି ହଦିସ ନଂ- ୩୧୫୮) (ଉମ୍ଦତୁଲ୍ କାରୀ ଖଣ୍ଡ-୧୫, ପୃ-୧୨୧...... ଲେବ୍ନାନ୍ ୨୦୦୩)) (ଇବ୍ନେ ହୁଶାମ୍ ପୃ-୪୬୩..... ବେରୁତ ୨୦୦୧) (ତବକାତୁଲ୍ କୁବ୍ରା ଖଣ୍ଡ-୩, ପୃ-୩୧୦....... ବେରୁତ ୧୯୯୦)*

**ହଜରତ ଅମ୍ରୋ ବିନ୍ ଅଓଫ୍ ର:ଅ** ପୂର୍ବରୁ ଇସଲାମ୍ ଗ୍ରହଣ କରିଥିବା ଲୋକମାନଙ୍କ ମଧ୍ୟରେ ଥିଲେ। *(ତବ୍କାତୁଲ କୁବ୍ରା ଖଣ୍ଡ-୩, ପୃ-୨୫୪...... ବେରୁତ ୨୦୧୨)*

**ହଜରତ ଅମ୍ରୋ ବିନ୍ ଅଓଫ୍ ର:ଅ** ମକ୍କାରୁ ହିଜରତ କରି ମଦିନାରେ ପହଂଚିବା ବେଳେ କୁବାଠାରେ ହଜରତ କୁଲ୍ସୁମ୍ ବିନ୍ ଅଲ୍ହଦମ୍ ର:ଅଙ୍କ ଘରେ ରହିଥିଲେ। **ହଜରତ ଅମ୍ରୋ ବିନ୍ ଅଓଫ୍ ର:ଅ** ବଦର୍, ଉହଦ୍, ଖନ୍ଦକ ଏବଂ ଏତଦ୍ ବ୍ୟତିତ ଅନ୍ୟାନ୍ୟ ସମସ୍ତ ଗଜ୍ୱାତ୍ରେ ଆଁ ହଜରତ ସ:ଆ:ସଙ୍କ ସହିତ ସାମିଲ ହୋଇଥିଲେ। *(ତବକାତୁଲ୍ କୁବ୍ରା..... ଖଣ୍ଡ-୩, ପୃ-୨୧୭.... ବେରୁତ ୧୯୯୬) (ଅଲ୍ ଅସାବାଃ ଖଣ୍ଡ-୩, ପୃ-୪୬....... ବେରୁତ ୧୯୯୫)*

**ହଜରତ ଅମ୍ରୋ ବିନ୍ ଅଓଫ୍ ର:ଅ** ଙ୍କ ଦେହାନ୍ତ ହଜରତ ଉମର୍ ର:ଅଙ୍କ ଖିଲାଫତ ସମୟରେ ହୋଇଥିଲା। ତାଙ୍କ ନମାଜ ଯନାଜାଃ ହଜରତ ଉମର୍ ର:ଅ ପଢ଼ାଇଥିଲେ। *(ଅଲ୍ ଅସାବାଃ ଫି ତମିଜିସ୍ ସାହାବାଃ... ଖଣ୍ଡ-୪, ପୃ-୫୫୩...... ବେରୁତ ଲେବାନନ୍ ୨୦୦୫)*

ଆଉ ଜଣେ ସାହାବି ହେଉଛନ୍ତି ହଜରତ ମାଆଦ୍ ବିନ୍ ଅଦି ର:ଅ। ହଜରତ ମାଆଦ ର:ଅ ଅନ୍ସାରଙ୍କ କବିଲା ବନୁ ଅମ୍ରୋ ବିନ୍ ଅଓଫଙ୍କ ମିତ୍ର ଥିଲେ। *(ଇବ୍ନେ ହୁଶାମ୍ ପୃ-୨୯....... ବେରୁତ ୨୦୦୯)*

ହଜରତ ମାଆଦ୍ ର:ଅ ହଜରତ ଆସିମ୍ ବିନ୍ ଅଦିଙ୍କ ଭାଇ ଥିଲେ। ଏ ପ୍ରସଙ୍ଗରେ ପୂର୍ବରୁ ତାଙ୍କର ଚର୍ଚ୍ଚା ସରିଛି। ହଜରତ ମାଆଦ୍ ର:ଅ ସତୁରୀ ଜଣ ଅନସାରଙ୍କ ସହିତ ବୟତେ ଉକ୍ବାଃରେ ସାମିଲ ହୋଇଥିଲେ। ହଜରତ ମାଆଦ୍ ର:ଅ ଇସଲାମ ଗ୍ରହଣ କରିବା ପୂର୍ବରୁ ଆରବୀ ଭାଷାରେ ଲେଖିବା ଜାଣିଥିଲେ। କିତାବତ୍ ଅର୍ଥାତ୍ ବିଶେଷ ଶୈଳୀରେ ଆରବୀ ଭାଷାକୁ ଲେଖିବା ଜାଣିଥିଲେ ଯେବେ କି ସେ ସମୟରେ ଆରବରେ କିତାବତ୍ ବହୁତ କମ୍ ଥିଲା। ହଜରତ ମାଆଦ୍ ର:ଅ ଇସଲାମ ଗ୍ରହଣ କରିବା ପୂର୍ବରୁ ଆରବୀ ଭାଷାରେ ଲେଖାଲେଖି ଜାଣିଥିଲେ। ହଜରତ ମାଆଦ୍ ର:ଅ ବଦର୍, ୱହଦ୍, ଏବଂ ଖନ୍ଦକ ସମେତ ସମସ୍ତ ଗଜ୍ୱାତ୍ରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ ହୋଇଛନ୍ତ୍ତି। ହଜରତ ଜୈଦ୍ ବିନ୍ ଖତାବ୍ ର:ଅ ମକ୍କାରୁ ମଦିନା ହିଜ୍ରତ୍ କଲେ, ତା'ପରେ ଆଁ ହଜରତ ସ:ଆ:ସ ହଜରତ ମାଆଦ୍ ବିନ୍ ଅଦି ର:ଅ ଏବଂ ହଜରତ ଜୈଦ୍ ବିନ୍ ଖତାବ୍ ର:ଅଙ୍କ ମଧ୍ୟରେ ମୁଆଖାତ୍ର ବନ୍ଧନ ପ୍ରତିଷ୍ଠା କଲେ ଅର୍ଥାତ୍ ଭାଇ ଭାଇ ପ୍ରତିଷ୍ଠା କଲେ। *(ତବକାତୁଲ୍ କୁବ୍ରା ଲେ ଇବ୍ନେ ସାଆଦ୍ ଖଣ୍ଡ-୩, ପୃ-୨୪୪-୨୪୫....... ବେରୁତ ୧୯୯୬)*

ହଜରତ ଉମ୍ର ର:ଅ ବର୍ଣ୍ଣନା କରୁଛନ୍ତି ଯେ ଯେବେ ନବି କରିମ୍ ସ:ଆ:ସଙ୍କ ଦେହାନ୍ତ ହେଲା ମୁଁ ହଜରତ ଅବୁ ବକର୍ଙ୍କୁ କହିଲି ଯେ ଆପଣ ଆମ ଭାଇ ଅନ୍ସାରଙ୍କ ନିକଟକୁ ଆମ ସହିତ ଚାଲନ୍ତୁ। ସୁତରାଂ ଆମେ ଗଲୁ। ତାଙ୍କ ମଧ୍ୟରୁ ଦୁଇଜଣ ପୂଣ୍ୟବନ୍ତ ବ୍ୟକ୍ତି ଆମକୁ ମିଳିଲେ, ଯେଉଁମାନେ ବଦର୍ ଯୁଦ୍ଧରେ ସାମିଲ ହୋଇଥିଲେ। ମୁଁ ଅର୍ୱା ବିନ୍ ଜୁବୈରଙ୍କୁ ପଚାରିବାରେ ସେ କହିଲେ ସେହି ଦୁଇଜଣ ହଜରତ ଉୱେମ୍ ବିନ୍ ସାଆଦାଃ ର:ଅ ଏବଂ ହଜରତ ମାଆଦ୍ ବିନ୍ ଅଦି ର:ଅ ଥିଲେ। *(ସହ୍ହି ବୁଖାରୀ, କିତାବୁଲ୍ ମଗାଜି...... ହଦିସ୍ ୪୦୨୧)*

ରାୱି ଆମକୁ ଯାହା ଲେଖିଛନ୍ତି, ହଜରତ ଉମର୍ ର:ଅଙ୍କର ଯେଉଁ ରିୱାୟତ୍ ଏଠାରେ ବର୍ଣ୍ଣନା କରାଗଲା, ତାହାର ଅଧିକ ବିବରଣୀ ବୁଖାରୀର ଏକ ରିୱାୟତ୍ରେ ମଧ୍ୟ ଦରଜ ଅଛି ଯାହାର କିଛି ଅଂଶ ମୁଁ ଉପସ୍ଥାପନ କରୁଅଛି

ହଜରତ ଇବନେ ଅବାସ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ମୁଁ ମୁହାଜିର୍ମାନଙ୍କ ମଧ୍ୟରୁ ଅନେକ ଲୋକଙ୍କୁ ପବିତ୍ର କୋରାନ୍ ପଢ଼ାଉଥିଲି। ତାଙ୍କ ମଧ୍ୟରେ ଅବ୍ଦୁର ରହମାନ୍ ବିନ୍ ଅଓଫ୍ ର:ଅ ମଧ୍ୟ ଥିଲେ। ଥରେ ମୁଁ ତାଙ୍କର ମିନାଠାରେ ଥିବା ଘରେ ଥିଲି ଓ ସେ ହଜରତ ଉମର୍ ବିନ୍ ଖତାବ ର:ଅଙ୍କ ନିକଟକୁ ଯାଇଥିଲେ। ଏହି ଘଟଣା ସେହି ଶେଷ ହଜ୍ ସମୟର ଘଟଣା ଯାହା ହଜରତ ଉମର୍ ର:ଅ କରିଥିଲେ। ଯେବେ ଅବଦୁର୍ ରହ୍ମାନ୍ ବିନ୍ ଅଓଫ୍ ର:ଅ ମୋ ନିକଟକୁ ଫେରିଆସିଲେ, ସେ କହିଲେ ଯେ କାଲେ ତୁମେ ମଧ୍ୟ ସେହି ବ୍ୟକ୍ତିଙ୍କୁ ଦେଖିଥାନ୍ତ ଯିଏ ଆଜି ଅମୀରୁଲ୍ ମୁମିନିନ୍ (ଅର୍ଥାତ୍ ହଜରତ ଉମର୍ ର:ଅ)ଙ୍କ ନିକଟକୁ ଆସିଥିଲେ ଓ କହିବାକୁ ଲାଗିଲେ ଅମୀରୁଲ୍ ମୁମିନିନ୍! କଣ ଆପଣଙ୍କୁ ଅମୁକ ନିର୍ଦ୍ଦେଶ ସମ୍ବନ୍ଧରେ ଜ୍ଞାନ ଅଛି ଯେ ଯିଏ ଏ କଥା କହୁଛି ଯେ ଯଦି ଉମର୍ ର:ଅ ଚାଲିଯିବେ ମୁଁ ଅମୁକ ବ୍ୟକ୍ତିଙ୍କ ବୟତ କରିବି। ଅର୍ଥାତ୍ ପୂର୍ବରୁ ହିଁ ବତାଉଛି ହଜରତ ଉମର୍ ର:ଅଙ୍କ ଖିଲାଫତ୍ ସମୟରେ ଯେ ଆପଣଙ୍କ ପରେ ମୁଁ ଅମୁକ ବ୍ୟକ୍ତିଙ୍କ ବୟତ କରିବି ଏବଂ ପୁରି ସେ କହିଲା ଯେ ଅଲ୍ଲାଃଙ୍କ ରାଣ! ଅବୁ ବକର୍ଙ୍କ ବୟତ ତ ଏମିତି ଅଚାନକ ହୋଇଯାଇଥିଲା। ଏହା ଶୁଣି ହଜରତ ଉମର୍ ର:ଅ ଦୁଃଖି ହୋଇଗଲେ। ତା'ପରେ ସେ କହିଲେ ଯଦି ଅଲ୍ଲାଃ ଚାହାନ୍ତି ତେବେ ମୁଁ ଆଜି ସଂନ୍ଧ୍ୟାବେଳେ ଲୋକମାନଙ୍କ ଗହଣରେ ଛିଡ଼ା ହେବି ଓ ସେମାନଙ୍କୁ ସେହିସବୁ ଲୋକମାନଙ୍କ ବିଷୟରେ ସଚେତନ କରାଇି ଯେଉଁମାନେ ଜୋର ଜବର୍ଦସ୍ତି ସେମାନଙ୍କ ମାମଲାକୁ ନିଜ ହାତକୁ ନେବାକୁ ଚାହୁଁଛନ୍ତି। ହଜରତ ଅବ ଦୁର୍ ରହ୍ମାନ୍ ର:ଅ କହୁଛନ୍ତି ଯେ ମୁଁ କହିଲି ଯେ ହେ ଅମୀରୁଲ୍ ମୁମିନିନ୍ ଏପରି ନ କରନ୍ତୁ! କାରଣ ହଜ୍ ସମୟରେ ସାଧାରଣ ଆମି ଲୋକମାନେ ଓ ଖଳ ପ୍ରକୃତିର ଲୋକମାନେ ମଧ୍ୟ ଏକାଠି ହୋଇଥାନ୍ତି, ତେଣୁ ଯେବେ ଆପଣ ଲୋକମାନଙ୍କ ସମ୍ମୁଖରେ ଛିଡ଼ା ହେବେ, ସେତେବେଳେ ଏହି ଲୋକମାନେ ଜୋର୍ ଜବରଦସ୍ତି ଆପଣଙ୍କ ନିକଟତର ହେବେ, ଏକାଠି ହୋଇଯିବେ। ଓ ମୁଁ ଭୟ କରୁଛି ଯେ ଆପଣ ଏପରି କୌଣସି କଥା ଛିଡ଼ା ହୋଇ ନ କରିଦିଅନ୍ତୁ ଫଳତଃ କଥାକୁ ଅନର୍ଥ କରି କହୁଥିବା ବ୍ୟକ୍ତି ଆପଣଙ୍କ ସମ୍ବନ୍ଧରେ ଓଲଟା ସିଧା କଥା ପ୍ରଚାର ନ କରିଦେଉ। ନିଜ ଆଡୁ କଥାରେ ନଥା ପକାଇ କିଛି କଥାକୁ ପ୍ରଶିଦ୍ଧି ନ କରାଇ ଦେଉ ଫଳତଃ ଲୋକମାନେ ତାକୁ ବୁଝିନପରି ବ୍ୟତିବ୍ୟସ୍ତ ହୋଇଯିବେ। ପୂଣି ସେ ହଜରତ ଉମର୍ଙ୍କୁ ପରାମର୍ଶ ଦେଲେ ଯେ ଆପଣ ସେ ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ଯେ ପର୍ଯ୍ୟନ୍ତ ମଦିନାରେ ନ ପହଂଚିଛନ୍ତି। ହଜ୍ ଦିନ ଚାଲିଥିଲା। ମଦିନା ହେଉଛି ହିଜ୍ରତ୍ ଓ ସୁନ୍ନତର ସ୍ଥାନ। ସେଠାରେ ଭଦ୍ର ଓ ବୁଦ୍ଧିମାନ ବ୍ୟକ୍ତିମାନଙ୍କୁ ଅଲଗା ନେଇ ଯାହା

**ହଜ୍ରତ୍ ଅମୀରୁଲ୍ ମୁମିନିନ୍ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର। ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family,
Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,
Jamat Ahmadiyya, Pankal (Odisha)*

ଆପଣ କହିବାକୁ ଚାହୁଁଛନ୍ତି, ଶାନ୍ତିରେ କହିବେ । ପୂଣି ସେ କହୁଛନ୍ତି: ମୁଁ କହିଲି ଜ୍ଞାନି ଲୋକମାନେ ଅପାଣଙ୍କ କଥା ବୁଝିବେ ଓ ସଠିକ୍ ସ୍ଥାନରେ ସଠିକ ପ୍ରୟୋଗ କରିବେ ନିଜ ଆଡୁ ବ୍ୟାଖ୍ୟା କରିବେ ନାହିଁ । ଏହା ଶୁଣି ହଜରତ ଉମର୍ ର:ଅ କହିଲେ ତେବେ ଠିକ୍ ଅଛି । ଅଲ୍ଲାଃଙ୍କ ସୌଗନ୍ଧ ! ମୁଁ ପ୍ରଥମଥର ଯେବେ ମଦିନାରେ ଖୁତ୍‌ବା ଦେବା ପାଇଁ ଛିଡ଼ା ହେବି ସେଠାରେ ତାହା ମୁଁ ବର୍ଣ୍ଣନା କରିବି । ଇବ୍‌ନେ ଅବାସ୍ ର:ଅ କହୁଛନ୍ତି ଯେ ଆମେ ମଦିନାରେ ଜୁଲ୍‌ହଜାର ଶେଷରେ ପହଂଚିଲୁ । ଯେବେ ଜୁମା ଦିନ ଆସିଲା, ସୁର୍ଯ୍ୟ ଢ଼ଳିବାକୁ ଲାଗିଲା, ଆମେ ଶିଘ୍ର ଶିଘ୍ର ମସ୍‌ଜିଦ୍‌ରେ ପହଂଚିଲୁ । ସେଠାରେ ପହଂଚି ମୁଁ ସଇଦ୍ ବିନ୍ ଜୈଦ୍ ର:ଅଙ୍କୁ ମେମ୍ବର ନିକଟରେ ବସିଥିବାର ଦେଖିଲି ତେଣୁ ମୁଁ ମଦ୍ୟ ସେଠାରେ ତାଙ୍କ ନିକଟରେ ବସିଗଲି । ମୋ ଆଣ୍ଠୁ ତାଙ୍କ ଆଣ୍ଠୁ ସହିତ ଲାଗୁଥିଲା । ଏବେ ଅଳ୍ପ କିଛି ସମୟ ହୋଇଥିଲା ଯେ ହଜରତ ଉମର୍ ବିନ୍ ଖତାବ୍ ର:ଅ ବାହାରିଲେ । ଯେବେ ମୁଁ ତାଙ୍କୁ ସମ୍ମୁଖରୁ ଆସିବାରେ ଦେଖିଲି. ମୁଁ ସଇଦ ବିନ୍ ଜୈଦ୍‌ଙ୍କୁ କହିଲି ଯେ ଆଜି ଯେ ଏପରି କଥା କହିବେ, ଯାହା ସେ ଖଲିଫା ହେବା ଦିନଠାରୁ କେବେ କହିନାହାନ୍ତି । ସେ ମୋ କଥାରେ ଆଶ୍ଚର୍ଯ୍ୟ ହେଲେ ଓ କହିଲେ ଆଶା ନାହିଁ ଯେ ସେ ଏପରି କଥା କହିବେ, ଯାହା ସେ ଏ ପର୍ଯ୍ୟନ୍ତ କେବେ କହିନାହାନ୍ତି ।

ହଜରତ ଉମର୍ ର:ଅ ମେମ୍ବରରେ ବସିଲେ । ଯେବେ ଅଜାନ୍ ଦେଉଥିବା ବ୍ୟକ୍ତ ଅଜାନ୍ ଶେଷ କଲେ, ସେତେବେଳେ ହଜରତ ଉମର୍ ର:ଅ ଉଠିଲେ ଓ ଅଲ୍ଲାଃଙ୍କ ପ୍ରସଂଶା କଲେ । ପୁଣି କହିଲେ ଯେ ଅମ୍ମା ବାଦ୍ ମୁଁ ତୁମକୁ ଏମିତି ଏକ କଥା କହିବାକୁ ଯାଉଅଛି ଯାହା ମୋ ପାଇଁ ଧାର୍ଯ୍ୟ ଥିଲା ଯେ ତାହା ମୁଁ କହିବି । ମୁଁ ଏକଥା ଜାଣିନାହିଁ ଯେ ବୋଧ ହୁଏ ଏକଥା ମୋ ମୃତ୍ୟୁର ନିକଟତର କଥା ହେବ । ତେଣୁ ଯିଏ ଏକଥାକୁ ବୁଝିଲା ଓ ଭଲଭାବେ ମନେରଖିଲା ସେ ଏକଥାକୁ ଯଥା ସମ୍ଭବ ପାରୁ ପର୍ଯ୍ୟନ୍ତ ଚେଷ୍ଟାକରି ଅନ୍ୟମାନଙ୍କ ନିକଟରେ ପଂହଚାଉ । ଅଥାତ୍ ଠିକ୍ ଠିକ୍ ଏ କଥାକୁ ଲୋକଙ୍କ ନିକଟରେ ପଂଚାଉ । ଏବଂ ଯିଏ ଏ ସନ୍ଦେହରେ ଅଛି ଯେ ସେ ଏ କଥାକୁ ବୁଝିନାହିଁ ତେବେ ସେ ମୋ ସମ୍ବନ୍ଧରେ ମିଛ ନ କହୁ । ଭୁଲ କଥା ନ ପଂହଚାଉ । ପୁଣି ଆପଣ ର:ଅ କହିଲେ ଯେ ଅଲ୍ଲାଃ ମୁହମ୍ମଦ ସ:ଆ:ସଙ୍କୁ ସତ୍ୟତାର ସହିତ ପ୍ରେରଣ କରିଛନ୍ତି ଏବଂ ଆପଣ ସ:ଆ:ସଙ୍କ ଉପରେ ଶରିୟତର ନିର୍ଦ୍ଦେଶାବଳୀ ଅବତୀର୍ଣ୍ଣ କରିଛନ୍ତି । ପୁଣି କେତେ ଅହ୍‌କାମ୍ ଅର୍ଥାତ୍ ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଚର୍ଚ୍ଚା କଲେ । ଏକ ଲମ୍ବା ବିବରଣୀ ଅଛି । ଏହା ଏକ ହଦିସ ଅଟେ । ଏହା ମୁଁ ଏଠାରେ ଛାଡୁଛି । ପୁଣି ଆପଣ ର:ଅ କହିଲେ ଯେ ଶୁଣ ! ପୂଣି ରସୁଲେ ଅକରମ୍ ସ:ଆ:ସ ଏକଥା ମଧ୍ୟ କହିଥିଲେ ଯେ ଅଧିକ ବଢ଼ାଇ ଚଢ଼ାଇ ମୋର ପ୍ରଶଂସା କରନାହିଁ ଯେମିତି ଇସା ଇବ୍‌ନେ ମରିୟମ୍ ଆ:ସଙ୍କ ପ୍ରସଂଶାରେ ଅଧିକ ବଢ଼ାଇ ଚଢ଼ାଇ କରାଯାଇଥିଲା । ପୁଣି କହିଲେ ଯେ ଆଁ ହଜରତ ସ:ଆ:ସ ଏକଥା କହିଥିଲେ ଯେ ମୋ ସମ୍ବନ୍ଧରେ ଏହା କୁହ ଯେ ସେ ଅଲ୍ଲାଃଙ୍କ ଭକ୍ତ ଏବଂ ତାହାଙ୍କ ରସୁଲ୍ ଅଟନ୍ତି । ପୁଣି ହଜରତ ଉମର୍ କହିଲେ ଯେ ମତେ ଏହି ଖବର ପହଂଚିଛି ଯେ ତୁମମାନଙ୍କ ମଧ୍ୟରୁ କେହି ଜଣେ ଏ କଥା କହିଛି । ଏ କଥାକୁ ବର୍ଣ୍ଣନା କଲେ ଯେ ହଜରତ ଅବୁ ବକର୍ ର:ଅଙ୍କୁ ତ ଖିଲାଫତ୍ ଏମିତି ମିଳି ଯାଇଛି । ଆପଣ ର:ଅ କହିଲେ ଯେ ସେହି ଲୋକଜଣକ ଅବୁ ବକର୍ ର:ଅଙ୍କ ସମ୍ବନ୍ଧରେ ମଧ୍ୟ କହିଥିଲା ଓ ମୋ ସମ୍ବନ୍ଧରେ ମଧ୍ୟ କହିଛି ଯେ ଅଲ୍ଲାଃଙ୍କ ରାଣ ! ଯଦି ଉମର ମରିଯାଏ ତେବେ ମୁଁ ଅମୁକ ଲୋକର ବୟତ କରିବି । ଆପଣ ର:ଅ କହିଲେ: ସେଥିଯୋଗୁଁ କୌଣସି ବ୍ୟକ୍ତି ଧୋକାଖି ଏହା ନ କହୁ । ଏ ସମ୍ବନ୍ଧରେ ସ୍ପଷ୍ଟ କରିଦେଉଛି ଯେ ପୁଣି ଆପଣ ର:ଅ କଥାକୁ ପ୍ରଥମେ ହଜରତ ଅବୁବକର ର:ଅଙ୍କ ଆଡ଼କୁ ନେଇଗଲେ ଏବଂ ଆପଣ ର:ଅ କହିଲେ ଯେ କୌଣସି ବ୍ୟକ୍ତି ଧୋକାଖାଇ ଏ କଥା ନ କହୁ ଯେ ଅବୁବକର୍‌ଙ୍କ ବୟତ ଏମିତି ଭୁଲ ଭଟକାରେ ହୋଇଯାଇଛି ବୋଲି । ଅଲ୍ଲାଃ ତାଲା ସେହି ଅବ୍ୟବସ୍ଥାର କୁପରିଣାମରୁ ବୟତକୁ ବଂଚାଇ ରଖିଲେ । ଠିକ୍ ଅଛି ତାହା ଅବ୍ୟବସ୍ଥାରେ ହୋଇଥିଲା । ଏପରି ସମୟ ଆସିଥିଲା କିନ୍ତୁ ତାର କୁପରିଣାମରୁ ଅଲ୍ଲାଃ ବଂଚାଇ ଦେଲେ । ତୁମମାନଙ୍କ ମଧ୍ୟରେ ଅବୁ ବକରଙ୍କ ସଦୃଶ କେହି ନାହାନ୍ତି ଯେ ତାଙ୍କ ନିକଟକୁ ଓଟ ଉପରେ ଚଢ଼ି ଲୋକମାନେ ଆସୁଥିବେ । ଅର୍ଥାତ୍ ଏପରି ଜ୍ଞାନୀ, ବିବେକି ସତ୍‌କର୍ମୀ ନିଷ୍ଠାବାନ୍ ଏବଂ ଧର୍ମପରାୟଣତାର ସ୍ତରରେ ପହଂଚିଥିବା ବ୍ୟକ୍ତି ଆଉ କୌଣସି ବ୍ୟକ୍ତି ନଥିଲେ । ପୁଣି ଆଗକୁ ଆଉ କିଛି କଥାର ବିବରଣୀ ଲେଖାଯାଇଛି । ପୁଣି ଆପଣ ର:ଅ କହିଲେ ଯେ ଯିଏ ମୁସଲମାନଙ୍କ ବିନା ପରାମର୍ଶରେ କାହାର ବୟତ ନ କରାଯାଉ ଅର୍ଥାତ୍ ଯେଉଁ ବୟତ ହୋଇଥିଲା ତାହା ବହୁତ ପରାମର୍ଶପରେ ହୋଇଗଲା ଏବଂ ଏହା ମଧ୍ୟ ମନେରଖ ଯେ ଯିଏ ମୁସଲମାନମାନଙ୍କ ପରାମର୍ଶ ବିନା କୌଣସି ବ୍ୟକ୍ତିଙ୍କ ବୟତ କଲା ତେବେ ତାର ବୟତ ନ କରାଯାଉ ଏବଂ ନା ସେହି ବ୍ୟକ୍ତିର ଯିଏ ତାହାର ବୟତ କରିଛି । ଏଥିପାଇଁ ଯେ ସେ ନିଜକୁ ମାରାଇ ନ ଦେଉ ।

ପୁଣି ହଜରତ ଉମର୍ ର:ଅ ବର୍ଣ୍ଣନା କଲେ । ଅସଲରେ ଆମର ଘଟଣା ଏପରି ଘଟିଥିଲା ଯେ ଯେବେ ଅଲ୍ଲାଃ ତାଲ ନବି କରିମ୍ ସ:ଆ:ସଙ୍କୁ ମୃତ୍ୟୁ ଦେଲେ ସେତେବେଳେ ଅନ୍‌ସାର ଆମର ବିରୋଧି ହୋଇଗଲେ ଓ ସେମାନେ ସମସ୍ତେ ସକିଫାଃ ବନୁ ସାଆଦଠାରେ ଏକତ୍ରିତ ହେଲେ । ଏବଂ ଅଲୀ ର:ଅ ଓ ଜୁବୈର୍ ର:ଅ ଏବଂ ଯେଉଁମାନେ ଏହି ଦୁଇଜଣଙ୍କ ସହିତ ଥିଲେ, ଆମ ବିରୋଧି ଥିଲେ । ଏବଂ ମୁହାଜିର୍‌ମାନେ ଏକତ୍ରିତ ହୋଇ ଅବୁ ବକର୍‌ଙ୍କ ନିକଟକୁ ଆସିଲେ । ମୁଁ ଅବୁ ବକରଙ୍କୁ କହିଲି ଯେ ଅବୁ ବକର୍ ! ଆସନ୍ତୁ ଆମେ ଏହି ଅନ୍‌ସାର ଭାଇମାନଙ୍କ ନିକଟକୁ ଯିବା । ଆମେ ସେମାନଙ୍କ କଥା ହୋଇ ଯାଉଥିଲୁ କି ସେମାନେ କ'ଣ କହୁଛନ୍ତି । ଯେବେ ଆମେ ସେମାନଙ୍କ ନିକଟରେ ପହଂଚିଲୁ, ସେମାନଙ୍କ ମଧ୍ୟରୁ ଦୁଇଜଣ ପୂଣ୍ୟମାନ ବ୍ୟକ୍ତି ଆମକୁ ମିଳିଲେ । ହଜୁର ଅ:ବ:ଅ କହୁଛନ୍ତି: ପୂର୍ବରୁ ମୁଁ ଯେଉଁ ରିୱାୟତ ବର୍ଣ୍ଣନା କରିଛି ତା ମୁତାବକ ସେହି ଦୁଇଜଣ ପୂଣ୍ୟବାନ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ଥିଲେ ହଜରତ ମାଆଦ୍ ବିନ୍ ଅଦି ର:ଅ । ସେ ଯାହା ହେଉ ଆପଣ ର:ଅ କହୁଛନ୍ତି ଯାହାଙ୍କ ପରାମର୍ଶରେ ଅନ୍‌ସାରମାନେ ସେଠାରେ ଏକତ୍ରିତ ହୋଇଥିଲେ, ସେହି ଦୁଇଜଣ ଯାହାକୁ ଆମେ ରାସ୍ତାରେ ଭେଟ କରିଥିଲୁ, ସେମାନେ କହିଲେ ହେ ମୁହାଜିର୍ ମାନଙ୍କ ଗୋଷ୍ଟି ! ତୁମେ କେଉଁଠାକୁ ଯିବାକୁ ଚାହୁଁଛ ? ଆମେ କହିଲୁ ଆମେ ସେହି ଅନ୍‌ସାରୀ ଭାଇମାନଙ୍କୁ ମିଳିବାକୁ ଚାହୁଁଛୁ । ଏଥିରେ ସେହି ଦୁଇଜଣ କହିଲେ, ସେଠାକୁ କଦାପି ଯାଅ ନାହିଁ । ତାଙ୍କ ନିକଟକୁ ନ ଯିବା ହିଁ ଉଚିତ ହେବ । ସେହି ଦୁଇଜଣଙ୍କ ମଧ୍ୟରେ ହଜରତ ମାଆଦ୍ ବିନ୍ ଅଦି ର:ଅ ମଧ୍ୟ ଥିଲେ । ସେମାନେ କହିଲେ: ତୁମେମାନେ ନିଜେ ହିଁ ପରାମର୍ଶ କରିନିଅ । ଏଥିରେ ହଜରତ ଉମର୍ କହୁଛନ୍ତି: ମୁଁ ତାଙ୍କୁ କହିଲି ଯେ ଅଲ୍ଲାଃଙ୍କ ରାଣ ! ଆମେ ନିଶ୍ଚିତ ରୂପେ ତାଙ୍କ ନିକଟକୁ ଅର୍ଥାତ୍ ଅନ୍‌ସାରମାନଙ୍କ ନିକଟକୁ ଯିବୁ । ଏ କଥା କହି ଆମେ ଆଗକୁ ଚାଲିଲୁ ଓ ବନୁ ସାଆଦର ସାମିୟାନରେ ତାଙ୍କ ନିକଟରେ ପଂହଚିଲୁ ।

*(ସହ୍‌ହି ବୁଖାରୀ, କିତାବୁଲ୍ ହୁଦୁଦ୍........... ହଦିସ୍ ନଂ- ୬୮୩୦)*

ସେଠାରେ ଅନ୍‌ସାରମାନଙ୍କ ସହିତ ହଜରତ ଅବୁ ବକର ର:ଅ ଓ ହଜରତ ଉମର୍ ର:ଅଖଙ୍କ ସହିତ ଖୁବ୍ ଯୁକ୍ତିତର୍କ ହେଲା । ସେହି କଥା ବାର୍ତା ଖିଲାଫତ୍ ଚୟନ ସମ୍ବନ୍ଧରେ ଥିଲା । ପୁଣି ଆଗକୁ ଏହାର ଏକ ଲମ୍ବା ବିବରଣୀ / ବ୍ୟାଖ୍ୟା ରହିଛି । ହଜରତ ମୁସ୍‌ଲେହ୍ ମଉଦ ର:ଅ ଉକ୍ତ ସକିଫାଃ ବନୁ ସାଆଦଃ ଘଟଣା ସମ୍ବନ୍ଧରେ ଯାହା କହିଛନ୍ତି, ତାହା ମୁଁ ଏଠାରେ ବର୍ଣ୍ଣନା କରୁଅଛି । ଏହି ଘଟଣା ସମ୍ବନ୍ଧରେ ସେ କହୁଛନ୍ତି ଯେ ରସୁଲେ କରିମ୍ ସ:ଆ:ସଙ୍କ ଦେହାନ୍ତ ପରେ ସାହାବାମାନଙ୍କର ତିନୋଟି ଦଳ ହୋଇଯାଇଥିଲା । ଗୋଟିଏ ଦଳ ଏ କଥା ଭାବିଲେ ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ପରେ ଏପରି ଜଣେ ବ୍ୟକ୍ତି ନିଶ୍ଚିତ ରୂପେ ହେବା ଆବଶ୍ୟକ ଯିଏ ନେଜାମେ ଇସ୍‌ଲାମ୍ ଅର୍ଥାତ୍ ଇସ୍‌ଲାମୀୟ ବ୍ୟବସ୍ଥାକୁ ସ୍ଥାପନ କରିବେ । ଯେହେତୁ ନବିଙ୍କ ମନର କଥାକୁ ତାଙ୍କ ଘର ଲୋକେ (ଅର୍ଥାତ୍ ରକ୍ତ ସମ୍ପର୍କୀୟ) ଭଲଭାବେ ଜାଣି ବୁଝି ପାରିବେ ସେଥିଯୋଗୁଁ ନବି କରିମ୍ ସ:ଆ:ସଙ୍କ ଘର ଲୋକଙ୍କ ମଧ୍ୟରୁ କୌଣସି ଜଣେ ବ୍ୟକ୍ତି ନିୟୋଜିତ ହେବା ଉଚିତ । ଆଉ ଗୋଟିଏ ଦଳ ଏ କଥା କହୁଥିଲେ ଯେ ଆପଣଙ୍କ ସନ୍ତାନମାନଙ୍କ ମଧ୍ୟରୁ କେହି ଜଣେ ହେବା ଉଚିତ । ଅନ୍ୟ କୌଣସି ବଂଶରୁ କେହି ନ ହେବା ଉଚିତ । ଏହି ଦଳର ମନରେ ଏ କଥା ଥିଲା କି ଯଦି ଅନ୍ୟ କୌଣସି ବଂଶରେ କେହି ଖଲିଫା ହୁଅନ୍ତ. ତେବେ ଲୋକମାନେ ତାଙ୍କ କଥାକୁ ମାନିବେ ନାହିଁ ଫଳତଃ ବ୍ୟବସ୍ଥା ଖରାପ ହୋଇଯିବ । ଏଠାରେ ବଂଶ / କୁଟୁମ୍ବର ଅର୍ଥ ହେଉଛି ସନ୍ତାନ ବା ତାଙ୍କ ନିକଟ ସମ୍ପର୍କୀୟ ଯେମିତି ଜ୍ୱାଇଁ ଇତ୍ୟାଦି ମଧ୍ୟ ହୋଇପାରିବେ । ସେ ଯାହା ହେଉ ହଜରତ ମୁସ୍‌ଲେହ ମଉଦ୍ ର:ଅ ଲେଖୁଛନ୍ତି: ଯଦି ଆପଣ ସ:ଆ:ସଙ୍କ କୁଟୁମ୍ବରୁ କେହି ଜଣେ ଖଲିଫା ହୁଅନ୍ତି ଯେହେତୁ ଲୋକମାନେ ଏହି ଖାନ୍‌ଦାର ଆଜ୍ଞାବହତା ସ୍ୱୀକାର କରିଛନ୍ତି ତେଣୁ ସେମାନେ ଖୁସି ଖୁସି ତାଙ୍କର ଆଜ୍ଞାବହତା ସ୍ୱୀକାର କରିନେବେ । ଯେମିତି ଜଣେ ସମ୍ରାଟଙ୍କ କଥାକୁ ମାନିବାରେ ଲୋକମାନେ ଅଭ୍ୟାସରତ ଥାନ୍ତି, ତେଣୁ ତା'ର ମୃତ୍ୟୁପରେ ତା'ର ପୁତ୍ର ଉତରାଧିକାରୀ ସ୍ୱରୂପ ତା ସ୍ଥାନରେ ରହିଥାଏ, ତେଣୁ ତା'ର ନିର୍ଦ୍ଦେଶକୁ ମଧ୍ୟ ଲୋକମାନେ ବହୁତ ଆଗ୍ରହର ସହିତ ମାନିଥାନ୍ତି ।

କିନ୍ତୁ ଅନ୍ୟ ଯେଉଁ ଦଳଟି ଥିଲା, ସେ ଭାବିଲେ ଯେ ଏଥିପାଇଁ ରସୁଲେ କରିମ୍ ସ:ଆ:ସଙ୍କ ବଂଶଧର ମଧ୍ୟରୁ ହେବା ଜରୁରୀ ନୁହେଁ । ଉଦ୍ଦେଶ ହେଉଛି ଏହା କି ରସୁଲେ କରିମ୍ ସ:ଆ:ସଙ୍କ ଜଣେ ଉତରାଧିକାରୀ ହୁଅନ୍ତୁ । ତେଣୁ ସବୁଠାରୁ ଅଧିକା ଯିଏ ଏହି (ପଦବୀ)ର ଯୋଗ୍ୟ, ତାଙ୍କୁ ଏହି କାର୍ଯ୍ୟ ସମ୍ପାଦନ କରିବା ପାଇଁ ଦିଆଯାଉ । ଏହି ଦଳର ପୁଣି ଦୁଇଭାଗ ହେଲା । ଯଦିଚ ଏହି ଦୁଇ ଦଳ ଏ କତାରେ ସହମତ ଥିଲେ ଯେ ରସୁଲେ କରିମ୍ ସ:ଆ:ସଙ୍କର କେହି ଜଣେ ଆଧାତ୍ମିକ ଉତରାଧିକାରୀ ହେବା ଉଚିତ କିନ୍ତୁ ସେମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଗଲା ଯେ ରସୁଲେ କରିମ୍‌ଙ୍କ ଆଧାତ୍ମିକ ଉତରାଧିକାରୀ କେଉଁ ଲୋକ ହେବେ । ଗୋଟିଏ ଦଳର ଯୁକ୍ତି ଥିଲା କି ଯେଉଁ ଲୋକ ସବୁଠାରୁ ଅଧିକା ସମୟ ପର୍ଯ୍ୟନ୍ତ ଆପଣଙ୍କ ଅର୍ଥାତ୍ ଆଁ ହଜରତ ସ:ଆ:ସଙ୍କ ଆଧାତ୍ମିକ ଶିଷ୍ୟ ରହିଥିବେ, ସେମାନେ ଏଥିପାଇଁ ଯୋଗ୍ୟ ହେବେ, ଅର୍ଥାତ୍ ମୁହାଜିର୍‌ମାନେ, ସେମାନଙ୍କ ମଧ୍ୟରୁ ମଧ୍ୟ କୁରୈଶ୍‌ର ଲୋକେ, ଯାହାଙ୍କ କଥାକୁ ଆରବୀୟମାନେ ମାନିବାକୁ ପ୍ରସ୍ତୁତ ଥିବେ । କିଛି ଲୋକମାନେ ଏ କଥା ଯୁକ୍ତି ବାଢ଼ିଲେ ଯେ ଯେହେତୁ ରସୁଲେ କରିମ୍ ସ:ଆ:ସଙ୍କ ଦେହାନ୍ତ ମଦିନାରେ ହୋଇଛି ଏବଂ ମଦିନାରେ ଅନ୍‌ସାରମାନଙ୍କର ପ୍ରଭାବ ରହିଛି ତେଣୁ ସେମାନେ ଏହି କାର୍ଯ୍ୟକୁ ଭଲ ରୂପେ ତୁଲାଇ ପାରିବେ । ସେ ଯାହା ବି ହେଉ ଏ କଥାରେ ଅନ୍‌ସାର ଓ ମୁହାଜିର୍ ମାନଙ୍କ ମଧ୍ୟରେ ମତଭେଦ ମଧ୍ୟ

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family,*
*Jamat Ahmadiyya, Kerang (Odisha)*

ରହିଲା । ସୁତରାଂ ଏବେ ଅନ୍‌ସାର ଓ ମୁହାଜିର୍ ମାନଙ୍କ ମଧ୍ୟରେ ମତଭେଦ ମଧ୍ୟ ରହିଲା । ସୁତରାଂ ଏବେ ଅନ୍‌ସାର ଓ ମୁହାଜିର ମାନଙ୍କ ମଧ୍ୟରେ ମତଭେଦ ହୋଇଗଲା । ଅନ୍‌ସାର ମାନଙ୍କର ଏ ଧାରଣା ଥିଲା ଯେ ଯେହେତୁ ରସୁଲେ କରିମ୍ ସ:ଆ:ସ ଅସଲ ଜୀବନ, ଯାହା ନିଜାମ୍ ସହିତ ସମ୍ବନ୍ଧିତ ଥିଲା, ତାହା ଆମ ଗହଣରେ ବିତାଇଛନ୍ତି । ଅନ୍‌ସାରମାନେ ଏ କଥା କହୁଥିଲେ ଯେ ମଦିନାରେ (ଇସ୍‌ଲାମୀୟ) ବ୍ୟବସ୍ଥା ସମ୍ପନ୍ନ ଜୀବନ କାଟିଛନ୍ତି, ମକ୍କାରେ କିଛି ନିଜାମ୍ ନଥିଲେ ତେଣଉ ନିଜାମେ ହୁକୁମତ (ଅର୍ଥାତ୍ ଶାସନ ବ୍ୟବସ୍ଥା) ଆମେ ହିଁ ଭଲ ଭାବେ ବୁଝିପାରିବୁ ତେଣୁ ଖିଲାଫତ୍ ଉପରେ ଆମର ଅଧିକାର ଅଛି ଆଉ କାହାର ନାହିଁ । ଦ୍ୱିତୀୟ ପ୍ରମାଣ ସେମାନେ ଏହା ଦେଉଥିଲେ ଯେ ଏହି ଇଲାକା ହେଉଛି ଆମର ତେଣୁ ସ୍ୱଭାବତଃ ଆମ କଥାର ପ୍ରଭାବ ଲୋକମାନଙ୍କ ଉପରେ ଅଧିକା ପଡ଼ିବ । ମୁହାଜରିମାନଙ୍କ ପ୍ରଭାବ ସେତେ ହେବ ନାହିଁ । ତେଣୁ ରସୁଲେ କରିମ୍ ସ:ଆ:ସଙ୍କ ଆଧାମ୍ରିଖ ଉତରାଧିକାରୀ ଆମମାନଙ୍କ ମଧ୍ୟରୁ ହେବା ଉଚିତ ମୁହାଜରିମାନଙ୍କ ମଧ୍ୟରୁ ନୁହେଁ ।

ଏହାର ମୁକାବିଲାରେ ମୁହାଜିର୍‌ମାନେ ଏ କଥା କହୁଥିଲେ ଯେ ରସୁଲେ କରିମ୍ ସ:ଆ:ସଙ୍କ ସହିତ ଯେତେ ଲମ୍ବା ଆମେ କାଲାତିପାତ କରିଛୁ ସେତେ ମାତ୍ରାରେ ଅନ୍‌ସାର ମାନେ ବିତାଇ ନାହାନ୍ତି । ତେଣୁ ଦୀନ୍ (ଅର୍ଥାତ୍ ଇସ୍‌ଲାମକୁ) ବୁଝିବରେ ଯେଉଁ ଯୋଗ୍ୟତା ଆମ ଭିତରେ ଅଛି ତାହା ଅନ୍‌ସାରମାନଙ୍କ ମଧ୍ୟରେ ନାହିଁ । ହଜରତ ମୁସଲେହ ମଉଦ ର:ଅ ଲେଖୁଛନ୍ତି ଯେ ଏହି ମତଭେଦ ଉପରେ ଅନ୍ୟମାନେ ଏବେ ଚିନ୍ତା କରୁଥିଲେ ଓ କୌଣସି କଥାରେ ଉପନିତ ହୋଇନଥିଲେ ଯେ ସେହି ଶେଷ ଦଳ ଯିଏ ଅନ୍‌ସାରମାନଙ୍କ ସପକ୍ଷରେ ଥିଲା, ସେମାନେ ବନି ସାଆଦାଃର ଏକ ବାରଣ୍ଡାରେ ଏକାଠି ହୋଇ ଏ ସମ୍ବନ୍ଧରେ ଚର୍ଚ୍ଚା କରିଲେ ଓ ପରାମର୍ଶ କରିବା ଆରମ୍ଭ କରିଦେଲେ ଏବଂ ଖଜ୍‌ରଜ୍ କବିଲାର ସର୍ଦ୍ଦାର ହଜରତ ସାଆଦ୍ ବିନ୍ ଉବାଦାଃ ର:ଅ ସପକ୍ଷରେ ସେମାନଙ୍କ ମନ ଢ଼ଳିଲା ଯେ ତାଙ୍କୁ ଖଲିଫା ନିୟୋଜିତ କରାଯାଉ । ସୁତରାଂ ଅନ୍‌ସାରମାନେ ଆପୋଷରେ ବାର୍ତ୍ତାଳାପ କରି କହିଲେ ଯେ ଦେଶ ଆମର ଭୁମି ଆମର ଧନସମ୍ପତି ଆମର ତେଣୁ ଇସଲାମ୍‌ର ଲାଭ / ହିତ ଏଥିରେ ରହିଛି କି ଆମମାନଙ୍କ ମଧ୍ୟରୁ କେହି ଜଣେ ଖଲିପା ହୁଅନ୍ତୁ । ଏ କଥା ନିଷ୍ପତି କଲେ ଯେ ଐ ଦାୟିତ୍ୱ କୁ ନିର୍ବାହ କରିବା ନିମନ୍ତେ ସାଆଦ୍ ବିନ୍ ଉବାବାଃ ର:ଅଙ୍କଠାରୁ ଉତମ ବ୍ୟକ୍ତି ଆଉ କେହି ନାହାନ୍ତି । ଏହି କଥା ଚାଲିଥିଲା ବେଳେ କେତେ ଜଣ ଏକଥା କହିଲେ ଯେ ଯଦି ମୁହାଜିର୍‌ମାନେ ଏ କଥାକୁ ଅସ୍ୱୀକାର କରନ୍ତି ତା ହେଲେ କଣ ହେବ ? ପ୍ରଶ୍ନ ଉଠିଲା । ଏଥିରେ କେହି ଜଣେ କହିଲେ ଯେ ଆମେ ପୁଣି କହିବୁ କି **ମିନ୍ନା ଅମୀରୁନ୍ ୱ ମିନ୍‌କୁମ୍ ଅମୀରୁନ୍** ଅର୍ଥାତ୍ ଜଣେ ଅମୀର୍ ତୁମାମାନଙ୍କ ମଧ୍ୟରୁ ହୁଅନ୍ତୁ ଓ ଆଉ ଜଣେ ଅମୀର ଆମ ମଧ୍ୟରୁ ହୁଅନ୍ତୁ । ସାଆଦ ଯେ ହେତୁ ବହୁତ ବୁଦ୍ଧିମାନ ବ୍ୟକ୍ତି ଥିଲେ , ସେ କହିଲେ ଏହା ତ ପ୍ରଥମ ଦୁର୍ବଳତା ଅନ୍‌ସାରମାନେ ଯାହାଙ୍କୁ ପ୍ରଥମେ ଖଲିଫା କରିବାକୁ ଚାହୁଁଥିଲେ ସେ କହିଲେ ଏହା ତ ପ୍ରଥମ ଦୁର୍ବଳତା ଅର୍ଥାତ୍ ତାଙ୍କ ମଧ୍ୟରୁ ଖଲିଫା ହୁଅନ୍ତୁ ଅଥବା ଆମ ମଧ୍ୟରୁ ଖଲିଫା ହୁଅନ୍ତୁ । **ମିନ୍ନା ଅମୀରୁନ୍ ୱ ମିନ୍‌କୁମ୍ ଅମୀରୁନ୍** କହିବା ତ ଏପରି ଯେପରି ଖିଲାଫତ୍‌ର ଅର୍ଥକୁ ବୁଝା ଯାଇନାହିଁ । ଏହାଦ୍ୱାରା ଇସ୍‌ଲାମ୍‌ରେ ଫାଟ ପଡ଼ିବ । ଏହି ପରାମର୍ଶ ପରେ ଯେବେ ମୁହାଜିର୍‌ମାନଙ୍କୁ ଏତଲା ମିଳିଲା, ସେମାନେ ଖୁବ୍ ଶିଘ୍ର ସେଠାରେ ପହଂଚିଲେ, ଯେପରି ହଜରତ ଉମର୍ ର:ଅ ବର୍ଣ୍ଣନା କରିଛନ୍ତି, ଯାହା ପୂର୍ବରୁ ଚର୍ଚ୍ଚା ସରିଛି ଯେ ସେ ହଜରତ ଅବୁ ବକର୍ ଓ ଆଉ କେତେ ଲୋକ ସେଠାରେ ପହଂଚିଲେ । କାରଣ ସେମାନେ ବୁଝୁଥିଲେ ଯେ ଯଦି ମୁହାଜିରମାନଙ୍କ ମଧ୍ୟରୁ କେହି ଖଲିଫା ନ ହୁଅନ୍ତି ତେବେ ଆରମବର ଲୋକମାନେ ତାଙ୍କର ଆଜ୍ଞାବହତା ସ୍ୱୀକାର କରିବେ ନାହିଁ । କେବଳ ମଦିନାର କଥା ନୁହେଁ ବରଂ ସମଗ୍ର ଆରବର କଥା । ମଦିନାରେ ଅବଶ୍ୟ ଅନ୍‌ସାରମାନଙ୍କ ପ୍ରଭାବ ଥିଲା କିନ୍ତୁ ସାରା ଆରବ ମକ୍କା ନିବାସୀଙ୍କ ମହାନତା ଓ ସେମାନଙ୍କ ଉଦ୍ରତା ବିଷୟରେ ଅବଗତ ଥିଲା । ସୁତରାଂ ମୁହାଜିର୍ ମାନେ ଭାବିଲେ ଯେ ବର୍ତମାନ ଯଦି ଅନ୍‌ସାରମାନଙ୍କ ମଧ୍ୟରୁ କେହି ଖଲିଫା ହେଲେ ତେବେ ଆରବ ବାସୀଙ୍କ ପାଇଁ ବହୁତ କଠିନ ପରିସ୍ଥିତି ସୃଷ୍ଟି ହୋଇଯିବ ଓ ସମ୍ଭବଃ ସେମାନଙ୍କ ମଧ୍ୟରୁ ଅଧିକାଂଶ ଏହି ପରୀକ୍ଷାରେ ଉତୀର୍ଣ୍ଣ ହୋଇ ନ ପାରନ୍ତି ସୁତରାଂ ଯେବେ ସମସ୍ତ ମୁହାଜିର ସେଠାରେ ପହଂଚିଲେ ଏବଂ ସେଥିରେ ହଜରତ ଅବୁବକର୍, ହଜରତ ଉମର୍, ହଜରତ ଅବୁ ଉବୈଦାଃ ର:ଅ ମଧ୍ୟ ସାମିଲ ଥିଲେ । ହଜରତ ଉମର୍ କହୁଛନ୍ତି ଯେ ମୁଁ ଏହି ଅବସରରେ କହିବା ପାଇଁ ବହୁତ ବଡ଼ ବିଷୟ ଭାବିଥିଲି ଓ ମୁଁ ଚାହୁଁଥିଲି ଯେ ମୁଁ ଯାଇ ସେଠାରେ ଏପରି ଭାଷଣ ଦେବି. ସେଥିରେ ସମସ୍ତ ଅନ୍‌ସାର ମୋ ପ୍ରମାଣ ସୁରି ମାନି ଯିବେ ଓ ସେମାନେ ଏ କଥାରେ ବାଧ ହୋଇ ଯିବେ କି ଅନ୍‌ସାରମାନଙ୍କ ପରିବର୍ତେ ମୁହାଜିର୍‌ମାନଙ୍କ ମଧ୍ୟରୁ କାହାକୁ ଖଲିଫା କରାଯାଉ । କିନ୍ତୁ ଯେତେବେଳେ ଆମେ ସେଠାରେ ପହଂଚିଲୁ ହଜରତ ଅବୁ ବକର୍ ର:ଅ ଭାଷଣ ଦେବାପାଇଁ ଛିଡ଼ା ହେଲେ । ମୁଁ ମନେ ମନେ ଭାବିଲି ଯେ ସେ କଣ କହିବେ, କିନ୍ତୁ ଖୁଦାଙ୍କ ରାଣ ! ମୁଁ ଯେତେ କଥା କହିବାକୁ ଚିନ୍ତା କରିଥିଲି, ତାହା ସବୁ ହଜରତ ଅବୁ ବକର ର:ଅ ବର୍ଣ୍ଣନା କରିଦେଲେ ଓ ତତ୍‌ସହିତ ନିଜ ତରଫରୁ ମଧ୍ୟ ବହୁତ ଦଲିଲ / ପ୍ରମାଣ ପ୍ରଦାନ କଲେ । ସେତେବେଳେ ମୁଁ ବୁଝି ନେଲି ଯେ ମୁଁ ଜହରତ ଅବୁବକରଙ୍କ ମୁକାବିଲା କରିପାରିବି ନାହିଁ । ସୁତରାଂ ମୁହାଜରିମାନେ ତାଙ୍କୁ ବତାଇଲେ ଯେ ବର୍ତମାନ କୁରୈଶ୍‌ର ହିଁ ଜଣେ ଅମୀର ହେବା ଜରୁରୀ ଏବଂ ରସୁଲେ କରିମ୍ ସ:ଆ:ସଙ୍କ ଏହି ହଦିସ ମଧ୍ୟ ପେଶ କଲେ ଯେ **ଅଲଅଇମ୍ମତୁ ମିନ୍ କୁରୈଶିନ୍** ଅର୍ଥାତ୍: କୁରୈଶରୁ ତୁମମାନଙ୍କ ଇମାମ ହୁଅନ୍ତୁ । ପୁଣି ସେମାନଙ୍କର ଦୀନ୍ ପ୍ରତିଥିବା ବଳିଦାନ ସମ୍ବନ୍ଧରେ ଚର୍ଚ୍ଚା କଲେ, ଯାହା ସେମାନେ ପ୍ରାରମ୍ଭରୁ ଏପର୍ଯ୍ୟନ୍ତ କରି ଆସୁଥିଲେ । ଏଥିରେ ହୁବାବ୍ ବିନ୍ ମୁନ୍‌ଜର୍ ଖଜ୍‌ରଜି ବିରୋଧ କଲେ ଏବଂ କହିଲେ ଯେ ଆମେ ଏ କଥାକୁ ମାନି ପାରିବୁନାହିଁ କି ମୁହାଜିର ମାନଙ୍କ ମଧ୍ୟରୁ ଖଲିଫା ହୁଅନ୍ତୁ । ହଁ ଯଦି ଆପଣମାନେ ମାନୁନାହାନ୍ତି ଏବଂ ଆପଣ ଏ କଥାରେ ଅଡ଼ି ବସିଛନ୍ତି ତେବେ ଗୋଟିଏ ରାସ୍ତା ଅଛି ତା ହେଉଛି ଏହା କି ତୁମମାନଙ୍କ ମଧ୍ୟରୁ ଜଣେ ଅମୀର ହୁଅନ୍ତୁ ଓ ଜଣେ ଆମ ମଧ୍ୟରୁ ହୁଅନ୍ତୁ । ଏଥିରେ ହଜରତ ଉମର୍ ର:ଅ କହିଲେ ଟିକିଏ ବୁଝି ସୁଝି କଥା କୁହ । ତୁମକୁ ଜଣାନାହିଁ ଯେ ରସୁଲେ କରିମ୍ ସ:ଆ:ସ କହିଥିଲେ ଯେ ଏକ ସମୟରେ ଦୁଇଜଣ ଅମୀର ହେବା ଉଚିତ ନୁହେଁ । ହଜରତ ମୁସ୍‌ଲେହ୍ ମଉଦ ର:ଅ ଲେଖୁଛନ୍ତି ଯେ ଏଥିରୁ ଜଣା ପଡୁଛି ଯେ ଏପରି ହଦିସମାନ ମହଯୁଦ ଥିଲା, ଯେଉଁଥିରେ ରସୁଲୁଲ୍ଲାଃ ସ:ଆ:ସ ଖିଲାଫତ୍ ବ୍ୟବସ୍ଥା ସମ୍ବନ୍ଧରେ ବ୍ୟାଖ୍ୟା କରିଥିଲେ କିନ୍ତୁ ଆପଣ ସ:ଆ:ସଙ୍କ ଜୀବନରେ ସାହାବା ମାନଙ୍କ ବୁଦ୍ଧି ସେଥିପ୍ରତି ଯାଇନଥିଲା । ଏହାର କାରଣ ସେହି ଖୁଦାଙ୍କ ହିକ୍‌ମତ୍ ଥିଲା (ଅର୍ଥାତ୍ ଈଶ୍ୱରଙ୍କ କାର୍ଯ୍ୟ ଥିଲା) ଯାହା ଚର୍ଚ୍ଚା ହଜରତ ମୁସଲେହ ମଉଦ ର:ଅ ଏହା ପୂର୍ବରୁ କରିସାରିଛନ୍ତି । ସେ ଯାହା ହେଉ ସେ କହୁଛନ୍ତି ଯେ ସୁତରାଂ ହଜରତ ଉମର୍ ର:ଅ କହିଲେ ଯେ ତୁମର ଏକଥା ଚାହିଁବା ଅର୍ଥାତ୍ ଜଣେ ଅମୀର ତୁମ ମାନଙ୍କ ମଧ୍ୟରୁ ହୁଅନ୍ତୁ ଓ ଆଉ ଜଣେ ଆମ ମଧ୍ୟରୁ ହୁଅନ୍ତୁ, ଏହା କୌଣସି ପ୍ରକାରେ ଉଚିତ ନୁହେଁ ।

ପୁଣି ହଜରତ ଅବୁ ବକର୍ ର:ଅଙ୍କ ଚୟନ କିପରି ହେଲା ? କିଛି ଯୁକ୍ତିତର୍କ ହେବା ପରେ ଅଜରତ ଅବୁ ଉବୈଦାଃ ର:ଅ ଛିଡ଼ା ହେଲେ ଓ ଅନ୍‌ସାରମାନଙ୍କୁ ଧ୍ୟାନ ଆକର୍ଷଣ କରାଇଲେ ଯେ ତୁମେମାନେ ହେଉଛ ପ୍ରଥମ ଜାତି ଯିଏ ମକ୍କା ବାହାରେ ଇମାନ୍ ଆଣିଛି । ଏବେ ରସୁଲେ କରିମ୍ ସ:ଆ:ସଙ୍କ ଦେହାନ୍ତ ପରେ ତୁମେ ଏପରି ଜାତି ନ ହୁଅ ଯିଏ ଦୀନ୍‌ର ଉଦ୍ଦେଶ୍ୟକୁ ବଦଳାଇ ଦେବ । ପୁଣି କହୁଛନ୍ତି ଯେ ଏକଥା ସେମାନଙ୍କ ମନରେ ଏପରି ପ୍ରଭାବ ପକାଇଲା ଯେ ବଶିର୍ ବିନ୍ ସାଆଦ୍ ଖଜରଜୀ ଛିଡ଼ା ହେଲେ ଓ ସେ ନିଜ କୌମ୍‌କୁ ସମ୍ବୋଧନ କରି କହିଲେ ଯେ ଏହି ଲୋକମାନେ ସତ୍ୟ କହୁଛନ୍ତି । ଆମେ ମୁହମ୍ମଦ ସ:ଆ:ସଙ୍କର ଯେଉଁ ସେବା କରିଛେ ଓ ଆପଣ ସ:ଆ:ସଙ୍କ ସାହାଯ୍ୟ ସହଯୋଗ କରିଛେ, ତାହା ସାଂସାରିକ ମୋହ ଓ ଉଦ୍ଦେଶ୍ୟ ପାଇଁ କରିନଥିଲେ ଓ ନା ଏଥିପାଇଁ କରିଥିଲେ ଯେ ଆମକୁ ଆପଣ ସ:ଆ:ସଙ୍କ ଅନ୍ତେ ହୁକୁମତ୍ ମିଳିବ ବରଂ ଏହା ଆମେ ଖୁଦାଙ୍କ ପାଇଁ କରିଥିଲେ । ସୁତରାଂ ଏଠାରେ ଅଧିକାରର ପ୍ରଶ୍ନ ନାହିଁ ଯେ ଆମର ଅଧିକାର ଅଛି ଅମୀର୍ ପାଇଁ ବା ଆମ ମଧ୍ୟରୁ ଖଲିଫା ହୁଅନ୍ତୁ ବରଂ ଏଠାରେ ଇସଲାମ୍‌ର ଆବଶ୍ୟକର କଥା ଉଠୁଛି ତେଣୁ ଏ ଦୃଷ୍ଟି କୋଣରୁ ମୁହାଜିର ମାନଙ୍କ ମଧ୍ୟରୁ ହିଁ ଅମୀର୍ ନିୟୋଜିତ ହେବା ଉଚିତ । କାରଣ ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କର ଅଧିକା ସମୟ ସଙ୍ଗତ ପାଇଛନ୍ତି । ଏଥିରେ ଆଉ କିଛି ସମୟ ତର୍କ ଚାଲିଲା କିନ୍ତୁ ଶେଷରେ ଘଂଟାଏ ବା ଅଧ ଘଂଟା ପରେ ଲୋକମାନଙ୍କ ରାୟ ଏଥିପ୍ରତି ହୋଇ ଚାଲିଲା ଯେ ମୁହାଜିର୍ ମାନଙ୍କ ମଧ୍ୟରୁ ଜଣଙ୍କୁ ଖଲିଫା କରାଯାଉ । ସୁତରାଂ ହଜରତ ଅବୁ ବକର୍ ର:ଅ ହଜରତ ଉମର୍ ର:ଅ ଏବଂ ହଜରତ ଅବୁ ଉବୈଦାଃ ର:ଅ ଙ୍କୁ ଏହି ପଦ / କାର୍ଯ୍ୟ ପାଇଁ ନାମ ଉପସ୍ଥାପନ କଲେ । ହଜରତ ଅବୁ ବକର୍ ର:ଅ ପୁଣି ନିଜେ କହିଲେ ଯେ ହଜରତ ଉମର ର:ଅ ହୁଅନ୍ତୁ ବା ହଜରତ ଅବୁ ଉବୈଦାଃ ହୁଅନ୍ତୁ, ଏହି ଦୁଇଜଣଙ୍କ ମଧ୍ୟରୁ ଜଣଙ୍କର ବୟତ କରିନେବା ଉଚିତ କିନ୍ତୁ ଦୁଇଜଣ ଯାକ ମନା କରିଦେଲେ । ଓ କହିଲେ ଯେ ଯାହାକୁ ରସୁଲେ କରିମ୍ ସ:ଆ:ସ ନିଜ ବିମାର ସମୟରେ ନମାଜ ପାଇଁ ଇମାମ୍ ନିୟୋଜିତ କରିଥିଲେ ଓ ଯିଏ ସମସ୍ତ ମୁହାଜିରମାନଙ୍କ ଅପେକ୍ଷା ଉତମ ଅଟନ୍ତି, ତାଙ୍କର ବୟତ କରିବା ।

ହଜରତ ଅବୁ ବକର୍ ର:ଅ ହଜରତ ଉମର ର:ଅଙ୍କ ନାମ ଓ ହଜରତ ଅବୁ ଉବୈଦାଃ ର:ଅଙ୍କ ନାମ ଖିଲାଫତ୍ ପାଇଁ ଉପସ୍ଥାପନ କଲେ । ଏଥିରେ ହଜରତ ଉମର ର:ଅ କହୁଛନ୍ତି ଯେ ଅଲ୍ଲାଃଙ୍କ ରାଣ ! ଯେତେବେଳେ ହଜରତ ଅବୁ ବକର୍ ର:ଅ ମୋ ନାମକୁ ଉପସ୍ଥାପନ କଲେ, ମୋର ଅବସ୍ଥା ଏପରି ଥିଲା ମୁଣ୍ଡକୁ କାଟି ଦିଆଯାଉ ଏହାକୁ ମୁଁ ପସନ୍ଦ କରିବି କାରଣ ଏହା ମତେ କୌଣସି ପାପ କରିବାକୁ ନ ଦେବ କାରଣ ମୁଁ ଏମିତି କୌମ୍ର ଅମୀର ହେବି ଯେଉଁ କୌମ୍‌ରେ ଅବୁ ବକର ର:ଅ ଅଛନ୍ତି । ଅର୍ଥାତ୍ ତାଙ୍କର ଅବସ୍ଥା ଏପରି ଥିଲା କି ସେ ହଜରତ ଅବୁ ବକର୍ ର:ଅଙ୍କ ଉପସ୍ଥିତିରେ ଅମୀର କିପରି ହେବେ । ତେଣୁ ସେ ଏହାକୁ ଅସ୍ୱୀକାର କଲେ । ବାକି ଭାଷଣ ବହୁତ ଭଲ ଥିଲା ।

ସେ ଯାହା ହେଉ ହଜରତ ମୁସ୍‌ଲେହ୍ ମଉଦ୍ ର:ଅ କହୁଛନ୍ତି: ହଜରତ ଉମର ର:ଅ ଯେବେ କହିଲେ ଯେ ଯିଏ ମୁହାଜିର୍ ମାନଙ୍କ ମଧ୍ୟରୁ ସର୍ବୋତମ ଆମେ ତାଙ୍କର ବୟତ କରିବା ଏହାର ଅର୍ଥ ଥିଲା ଯେ ଏହି ପଦବି ପାଇଁ ହଜରତ ଅବୁ ବକରଙ୍କ ଠାରୁ ବଳି ଆଉ କେହି ନାହାନ୍ତି । ସୁତରାଂ ଏହା ସହିତ ହଜରତ ଅବୁ ବକର୍ ର:ଅଙ୍କ ବୟତ ଆରମ୍ଭ ହୋଇଗଲଶ । ପ୍ରଥମେ ହଜରତ ଉମର ର:ଅ ବୟତ କଲେ ପୁଣି ହଜରତ ଅବୁ ଉବୈଦାଃ ର:ଅ ବୟତ କଲେ । ପୁଣି ବଶିର୍ ବିନ ସାଆଦ୍ ଖଜ୍‌ରଜି ର:ଅ ବୟତ କଲେ ତା'ପରେ ପୁରି ଅଓସ୍ ଏବଂ ଖଜ୍‌ରଜ୍‌ର ଅନ୍ୟ ଲୋକମାନେ ବୟତ କଲେ । ବୟତ କରିବାର ଉତ୍ସାହ ଏତେ ଅଧିକା ଥିଲଶ ଯେ ସାଆଦ୍ ର:ଅ ଯିଏ ବେମାର ଥିଲେ. ଉଠି ପାରୁ ନ ଥିଲେ । ତାଙ୍କ ଉପରେ ଲୋକମାନେ ଚଢ଼ି, ଦଳାଚକଟା କରି, ଆଗକୁ ବଢ଼ି ବୟତ କରିଲେ । ସୁତରାଂ ଅଳ୍ପ ସମୟ ମଧ୍ୟରେ ସାଆଦ୍ ର:ଅ ଏବଂ ହଜରତ ଅଲୀ ର:ଅଙ୍କ ବ୍ୟତିତ ସମସ୍ତେ ବୟତ କରିନେଲେ । ଏପରିକି ସାଆଦ୍‌ଙ୍କ ପୁତ୍ର ମଧ୍ୟ ବୟତ କରିନେଲେ । ହଜରତ ଅଲୀ ର:ଅ ଅଳ୍ପ କେତେ ଦିନ ପରେ ବୟତ କଲେ । କିଛି ରିୱାୟତ୍‌ରେ ଏକଥା ବର୍ଣ୍ଣିତ ଅଛି ଯେ ହଜରତ ଫାତିମାଃ ର:ଅ ଙ୍କ ସେବା ସୁଶ୍ରୁସାରେ ଲାଗି ରହିବା ଯୋଗୁଁ ସେ ହଜରତ ଅବୁ ବକର୍ ର:ଅଙ୍କ ବୟତ କରିପାରିନଥିଲେ । ଯେବେ ସେ ବୟତ କରିବା ପାଇଁ ଆସିଲେ ସେତେବେଳେ ସେ ଏକଥା କହି କ୍ଷମା ମଧ୍ୟ ମାଗିଲେ ଯେ ଯେହେତୁ ଫାତିମାଃ ବିମାର ଥିଲେ, ସେଥିଯୋଗୁଁ ବୟତ କରିବାରେ ବିଳମ୍ବ ହୋଇଗଲା ।

*(ଉଦ୍ଧୃତ ପୁସ୍ତକ ଖିଲାଫତ୍ ରାଶ୍‌ଦାଃ ପୃ-୩୯-୪୨, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୧୫)*

ହଜରତ ଉର୍‌ୱା ବିନ୍ ଜୁବୈର୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଯେତେବେଳେ ଅଲ୍ଲାଃ ତାଲା ରସୁଲୁଲ୍ଲାଃ ସ:ଆ:ସଙ୍କୁ ମୃତ୍ୟୁ ପ୍ରଦାନ କଲେ । ସେତେବେଳେ ଲୋକମାନେ ଆପଣ ସ:ଆ:ସଙ୍କ ସକାଶେ କାନ୍ଦିଲେ ଓ କହିଲେ ଯେ ଅଲ୍ଲାଃଙ୍କ ରାଣ ! ଆମେ ଏକଥା ଚାହୁଁଥିଲୁ କି

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

## ଖୁତ୍‌ବା ଜୁମା ୧୬ ଅଗଷ୍ଟ ୨୦୧୯ର ଅବଶିଷ୍ଟାଂଶ

ଏ ସମ୍ବନ୍ଧରେ ସ୍ପଷ୍ଟୀକରଣ ଦେଇ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଗୋଟିଏ ଯାଗାରେ ବ୍ୟାଖ୍ୟା ବର୍ଣ୍ଣନା କରି କହିଛନ୍ତି ଯେ ଜୁମା ଏବଂ ରମ୍‌ଜାନ୍‌କୁ ଆପୋଷରେ ଏକ ସମାନତା ହାସଲ ଅଛି ଓ ତାହା ହେଉଛି ଏହା କି ଜୁମା ମଧ୍ଯ ଦୁଆ ଗ୍ରହଣୀୟ ହେବାର ଦିନ ଅଟେ ଓ ରମ୍‌ଜାନ୍ ମଧ୍ଯ ଦୁଆ ଗ୍ରହଣୀୟ ହେବାର ମାସ ଅଟେ । ଜୁମା ସମ୍ବନ୍ଧରେ ରସୁଲେ କରିମ୍ ସ:ଆ:ସ କହୁଛନ୍ତି କି  ଯଦି କୌଣସି ବ୍ୟକ୍ତି ନମାଜ ପଢ଼ିବା ପାଇଁ ମସ୍‌ଜିଦ୍ ଆସିଯାଏ ଓ ନୀରବରେ ବସି ଅଲ୍ଲାଃଙ୍କ ଗୁଣଗାନ କରିବାରେ ଲାଗିରହେ, ଇମାମ୍‌ଙ୍କ ଅପେକ୍ଷା କରେ ଓ ପରେ ଶାନ୍ତିର ସହିତ ଖୁତ୍‌ବା ଶୁଣେ ଓ ବାଜମାତ୍ ନମାଜରେ ସାମିଲ୍ ହୁଏ ତେବେ ତା ପାଇଁ ବିଶେଷ ରୂପେ ଖୁଦାତାଲାଙ୍କ ବର୍‌କତ୍ ଅବତୀର୍ଣ୍ଣ ହୋଇଥାଏ । ଏବଂ ପୁଣି ଜୁମାଦିନ ଏପରି ଏକ ମୁହୁର୍ତ ଆସିଥାଏ ସେଥିରେ ମନୁଷ୍ୟ ଯାହା ମଧ୍ଯ ଦୁଆ କରେ ତାହା ଗ୍ରହଣ ହୋଇଥାଏ ।

ହଜ୍‌ରତ୍ ଅବୁ ହୁରୈରା ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ରସୁଲୁଲ୍ଲାଃ ସ:ଆ:ସ ଜୁମା ଦିବସ ସମ୍ବନ୍ଧରେ କହିଛନ୍ତି । ଏକଥା କହିଛନ୍ତି ଯେ ଏହି ଦିନ ଏକ ମୁହୁର୍ତ ଅଛି, ଯଦି ମୁସଲ୍‌ମାନ୍ ଭକ୍ତ ସେହ ମୁହୁର୍ତକୁ ନମାଜ ପଢ଼ିବା ସମୟରେ ପାଏ ତେବେ ସେ ଯାହାକିଛି ମଧ୍ଯ ଅଲ୍ଲାଃତାଲାଙ୍କ ଠାରୁ ମାଗିବ ସେ ତାକୁ ନିଶ୍ଚିତ ରୂପେ ଦେବ ଓ ଆପଣ ସ:ଆ:ସ ହାତଦ୍ୱାରା ଇସାରା କରି କହିଲେ ଯେ ସେହି ମୁହୁର୍ତଟି ଅଳ୍ପ ସମୟ ପାଇଁ । ଏହା  ବୁଖାରୀର ହଦିସ୍ ଅଟେ ଯାହାର ଚର୍ଚ୍ଚା ପ୍ରଥମେ  କରାଯାଇଥିଲା ।

ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି ଯେ ଅଲ୍ଲାଃଙ୍କ କାନୁନ୍ ଅନ୍ତର୍ଗତ ଉକ୍ତ ହଦିସ୍‌ର ଏକ ଅର୍ଥ ତ କରିବାକୁ ହେବ ଯେ ସେହି ଦୁଆ ଗୁଡିକ ଗ୍ରହଣୀୟ ହୋଇଥାଏ ଯାହା ଅଲ୍ଲାଃଙ୍କ ସୁନ୍ନତ୍ ଓ ଅଲ୍ଲାଃଙ୍କ କାନୁନ୍ ମୁତାବକ ହୋଇଥିବ । ଭୁଲ୍ ପ୍ରାର୍ଥନା କେବେହେଲେ ବି ଗ୍ରହଣୀୟ ହେବନାହିଁ । ସେହି ଦୁଆ ଗ୍ରହଣ ହେବ ଯାହା ଅଲ୍ଲାଃଙ୍କ ସୁନ୍ନତ ମୁତାବକ ହୋଇଥିବ ଅର୍ଥାତ୍ ଯେଉଁ ଉଚିତ୍ ଦୁଆ ରହିଛି ଓ ଅଲ୍ଲାଃଙ୍କ କାନୁନ୍ ମୁତାବକ ଅଛି ତାହା ହିଁ ଗ୍ରହଣୀୟ ହେବ ।

ଜୁମା ସମୟ ଦ୍ୱିତୀୟ ଅଜାନ୍ ବା ତାର କିଛି ସମୟ ପୂର୍ବରୁ ହିଁ ଆରମ୍ଭ ହୋଇ ନମାଜ ପରେ ସଲାମ୍ ଫେରାଇବା ପର୍ଯ୍ୟନ୍ତ ରହିଥାଏ । ଯଦି ଏହି ଦୁଇଟି ସମୟକୁ ମିଳାଇ ଦିଆଯାଏ ଏବଂ ଖୁତ୍‌ବାଜୁମା ଛୋଟ ମଧ୍ଯ ଥିବ ତେବେ ଏହି ସମୟ ମଧ୍ଯ ଅଧଘଂଟା ହୋଇଯାଉଛି ଏବଂ ଯଦି ଖୁତ୍‌ବା ଲମ୍ବା କରାଯାଏ ତେବେ ଏହି ସମୟ ଘଂଟାଏ ବା ଦେଢ଼ଘଂଟା ମଧ୍ଯରେ ରହିଥାଏ । ସେହି ଏକଘଂଟା ବା ଦେଢ଼ଘଂଟା ମଧ୍ଯରେ ଏପରି ଏକ ମୁହୁର୍ତ ଆସିଥାଏ ସେଥିରେ ମନୁଷ୍ୟ ଯେକୌଣସି ଦୁଆ କରେ ତାହା କବୁଲ୍ ହୋଇଥାଏ । କିନ୍ତୁ ଏହି ନବେ ମିନିଟ୍‌ର ଅବଧିରେ ମନୁଷ୍ୟ ଜାଣିପାରେ ନାହିଁ ଯେ ତାହାର ପ୍ରଥମ ମିନିଟ୍ ଦୁଆ ଗ୍ରହଣୀୟ ହେବାର ବା ଦ୍ୱିତୀୟ ମିନିଟ୍ ଦୁଆ ଗ୍ରହଣୀୟ ହେବାର ବା ତୃତୀୟ ମନିଟ୍ ଏପରିକି ନବେ ମିନିଟ୍‌ର ଶେଷ ପର୍ଯ୍ୟନ୍ତ ମନୁଷ୍ୟ କୌଣସି ମୁହୁର୍ତ ସମ୍ବନ୍ଧରେ ମଧ୍ଯ ଏକଥା କହିପାରେ ନାହିଁ ଯେ ତାହା ଦୁଆ ଗ୍ରହଣୀୟ ହେବାର ସମୟ ତେବେ ଯେଉଁ ମୁହୁର୍ତରେ ପ୍ରତ୍ୟେକ ପ୍ରାର୍ଥନା ଗ୍ରହଣୀୟ ହୋଇଥାଏ ତାହା ସେହି ନବେ ମିନିଟ୍ ଭିତରେ ଖୋଜିବାକୁ ହେବ ଓ ସେହି ବ୍ୟକ୍ତି ଦୁଆ ଗ୍ରହଣୀୟ ହେବାର ଅବସରକୁ ଖୋଜିବାରେ ସଫଳ ହୋଇପାରିବ ଯିଏ ବରାବର ନବେ ମିନିଟ୍ ପର୍ଯ୍ୟନ୍ତ ପ୍ରାର୍ଥନା କରୁଥିବ । ନବେ ମିନିଟ୍ ପର୍ଯ୍ୟନ୍ତ ଅନବରତ ଦୁଆ କରିବାରେ ଲାଗି ରିହବା ଏବଂ ଧ୍ଯାନକୁ କାଏମ୍ ରଖିବା ପ୍ରତ୍ୟେକ ବ୍ୟକ୍ତିଙ୍କ କାର୍ଯ୍ୟ ନୁହେଁ । ଏହା ବହୁତ କଠିନ କାର୍ଯ୍ୟ ଅଟେ । ହଜ୍‌ରତ ମୁସ୍‌ଲେହ୍ ମଉଦ୍ ର:ଅ ଲେଖୁଛନ୍ତି ଯେ କିଛି ଲୋକ ତ ପାଂଚ ମିନିଟ୍ ମଧ୍ଯ ନିଜର ଧ୍ଯାନକୁ କାଏମ୍ ରଖିପାରୁନାହାଁନ୍ତି । କହୁଛନ୍ତି ଯେ ମୁଁ ବର୍ତମାନ ଉଦାହରଣ ସ୍ୱରୂପ ନମାଜ ପଢ଼ିବା ପାଇଁ ଆସିଛି । ମନୁଷ୍ୟ ଏଣୁତେଣୁ ଆଖି ଘୁରାଇଥାଏ । ମୁଁ ଖୁତ୍‌ବା ପୂର୍ବରୁ କିଛି ଲୋକଙ୍କୁ ଦେଖିଛି ଯେ ସେମାନେ ସୁନ୍ନତ ପଢୁଛନ୍ତି ଓ ଅଚାନକ ତାଙ୍କର ଆଖି ଏଣୁତେଣୁ ପଡିଯାଉଛି । ସୁନ୍ନତ ପଢ଼ିବାରେ ଦେଢ଼ ଦୁଇ ମିନିଟ୍ ଲାଗିଥାଏ । କିନ୍ତୁ ସେହି ଅଳ୍ପ କିଛି ସମୟ ମଧ୍ଯରେ ସେମାନେ ମଧ୍ଯ ଡାହାଣକୁ ଦେଖୁଥିଲେ ଓ କେବେ ବାମ ପଟକୁ ଦେଖୁଥିଲେ ଓ କେବେ ତଳକୁ ଚାହୁଁଥିଲେ ଓ କେବେ ଆକାଶ ଆଡକୁ ଚାହୁଁଥିଲେ । ତେଣୁ ଯେତେବେଳେ ଦେଢ଼ ଦୁଇମିନିଟ୍ ମଧ୍ଯରେ ଧ୍ଯାନକୁ କାଏମ୍ ରଖିବା କଠିନ ତେବେ ନବେ ମିନିଟ୍ ପର୍ଯ୍ୟନ୍ତ ଦୁଆ କରି ଚାଲିବା, ଅଲ୍ଲାଃଙ୍କ ସ୍ତୁତି ଗାନରେ ଲାଗି ରହିବା ଓ ଧ୍ଯାନକୁ ଗୋଟିଏ ଆଡକୁ କାଏମ୍ ରଖିବା କୌଣସି ସହଜ କଥା ନୁହେଁ । (ଖୁତ୍‌ବାତେ ମେହ୍‌ମୁଦ୍, ଖଣ୍ଡ-୩୩, ପୃଷ୍ଠା-୧୬୧-୧୬୨, ପ୍ରଦତ ଖୁତ୍‌ବା ୩୦ ମଇ ୧୯୫୨) (ସହି ବୁଖାରୀ, କିତାବୁଲ୍ ଜୁମା... ହଦିସ୍ ୯୩୫)

ପୁଣି ଏହି ମୁହୁର୍ତର ଯେଉଁଠି ଚର୍ଚ୍ଚା ମଧ୍ଯ କରାଯାଉଛି ସେଠି ତା ସକାଶେ ଅନବରତ ଧ୍ଯାନ ଦେବାର ମଧ୍ଯ ଆବଶ୍ୟକତା ଅଛି ଓ ଏହା ବହୁତ ପରିଶ୍ରମର ବିଷୟ ଅର୍ଥାତ୍ ଏ କାର୍ଯ୍ୟ ପାଇଁ ବହୁତ ଚେଷ୍ଟା କରିବାକୁ ପଡିଥାଏ । ଏହା ସହଜ କଥା ନୁହେଁ ଅର୍ଥାତ୍ ଏପରି ନୁହେଁ କି ଆମେ ଦୁଆ କଲେ ଓ ଗୋଟିଏ ମିନିଟ୍‌ରେ ଏହା ଗ୍ରହଣ ହୋଇଗଲା । ମଣିଷ ଜାଣିନାହିଁ କେଉଁ ମିନିଟ୍ । ତେଣୁ ଅସଲ କଥା ହେଉଛି ଏହା କି ଏହି ଅବଧି ମଧ୍ଯରେ ମନୁଷ୍ୟ ତା ଧ୍ଯାନକୁ ଏପଟ ସେପଟ ନକରି ଅନବରତ ଦୁଆ କରିବାରେ ଲାଗିରହୁ ଓ ଏପରି ଲାଗି ରହିବା ହିଁ ଜରୁରୀ ଅଟେ । ଯେମିତି ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ମଧ୍ଯ କହିଛନ୍ତି । ମୁଁ ମଧ୍ଯ କହିଛି ଯେ ଏହା ସହଜ କାର୍ଯ୍ୟ ନୁହେଁ । ଜୁମାର ବର୍‌କତ୍‌କୁ ହାସଲ୍ କରିବା ପାଇଁ ବହୁତ ପରିଶ୍ରମର ଆବଶ୍ୟକତା ରହିଛି ।

ଦ୍ୱିତୀୟ ସାହାବି ଜଣକ ବିଷୟରେ ମୁଁ ଏଠାରେ ଚର୍ଚ୍ଚା କରିବି । ତାଙ୍କ ନାମ ହେଉଛି ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅ । ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅଙ୍କ ସମ୍ବନ୍ଧ କୁରୈଶ୍‌ର ବନୁ ଜୁମହ୍ କବିଲା ସହିତ ଥିଲା । ତାଙ୍କ ମାଆଙ୍କ ନାମ ସୁହେଲା ବିନ୍‌ତେ ଅମ୍ବସ୍ ଥିଲା । ସେ ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ, ହଜ୍‌ରତ୍ କୁଦାମା ବିନ୍ ମଜ୍‌ଉନ୍ ର:ଅ ଏବଂ ହଜ୍‌ରତ୍ ସାଇବ୍ ବିନ୍ ମଜ୍‌ଉନ୍ ର:ଅଙ୍କ ଭାଇ ଥିଲେ ଓ ଏମାନେ ସମସ୍ତେ ସମ୍ପର୍କରେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ର:ଅଙ୍କ ମାମୁ ଥିଲେ । କାରଣ ହଜ୍‌ରତ୍ ଉମର୍ ର:ଅ ତାଙ୍କ ଭଉଣୀ ଜଏନବ୍ ବିନ୍‌ତ ମଜ୍‌ଉନ୍‌ଙ୍କ ସହିତ ବିବାହ କରିଥିଲେ ।

ୟଜିଦ୍ ବିନ୍ ରୁମାନ୍‌ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅ ଏବଂ ହଜ୍‌ରତ୍ କୁଦାମା ବିନ୍ ମଜ୍‌ଉନ୍ ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ଦାରେ ଅର୍‌କମ୍‌କୁ ପହଂଚିବା ଏବଂ ସେଥିରେ ଇସ୍‌ଲାମ୍ ପ୍ରତି ନିମନ୍ତ୍ରଣ କରିବା ପୂର୍ବରୁ ହିଁ ଇସ୍‌ଲାମ୍ ଗ୍ରହର କରିଚାଲିଥିଲେ । (ସିରତୁନ୍ ନବୱିୟା ଲେ ଇବ୍‌ନେ ହୁଶାମ୍, ପୃଷ୍ଠା-୪୬୩.... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ୨୦୦୧) (ତବକାତୁଲ୍ କୁବ୍‌ରା, ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୨୧୪........ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅ, ବେରୁତ ୧୯୯୬) (ତବକାତୁଲ୍ କୁବ୍‌ରା, ଲେ ଇବ୍‌ନେ ସାଆଦ୍, ଖଣ୍ଡ-୩, ପୃଷ୍ଠା-୨୦୧........ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅ, ବେରୁତ ୨୦୧୨) (ଉସଦୁଲ୍ ଗାବା ଫି ମାରଫତିସାହାବା ଲେ ଇବ୍‌ନେ ଅସିର୍, ଖଣ୍ଡ-୩, ପୃଷ୍ଠା-୩୯୧, ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅ, ବେରୁତ୍ ୨୦୦୮) (ଉସଦୁଲ୍ ଗାବା ଫି ମାରଫତିସାହାବା ଲେ ଇବ୍‌ନେ ଅସିର୍, ଖଣ୍ଡ-୨, ପୃଷ୍ଠା-୩୯୯, ହଜ୍‌ରତ୍ ସାଏବ୍ ବିନ୍ ମଜ୍‌ଉନ୍ ର:ଅ, ବେରୁତ୍ ୧୯୯୬)

ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅ ଏବଂ ତାଙ୍କର ତିନିଜଣ ଭାଇ ହଜ୍‌ରତ୍ କୁଦାମା ବିନ୍ ମଜ୍‌ଉନ୍ ର:ଅ, ହଜ୍‌ରତ୍ ଉସ୍‌ମାନ୍ ବିନ୍ ମଜ୍‌ଉନ୍ ର:ଅ ଏବଂ ହଜ୍‌ରତ୍ ସାଏବ୍ ବିନ୍ ମଜ୍‌ଉନ୍ ର:ଅ ହବ୍‌ସାକୁ ହିଜ୍‌ରତ୍ କରିଥିବା ଲୋକମାନଙ୍କ ମଧ୍ଯରେ ସାମିଲ୍ ଥିଲେ ଓ ହବ୍‌ଶାରେ ରହଣି ସମୟରେ ଯେବେ ତାଙ୍କୁ ଏ ଖବର ମିଳିଲା ଯେ କୁରୈଶ ଇମାନ୍ ନେଇ ଆସିଛନ୍ତି ବୋଲି ସେତେବେଳେ ଏମାନେ ଫେରି ଆସିଲେ । (ସିରତୁନ୍ ନବୱିୟା ଲେ ଇବ୍‌ନେ ହୁଶାମ୍, ପୃଷ୍ଠା-୨୪୧,୨୬୭.... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ୨୦୦୧) (ଉସଦୁଲ୍ ଗାବା ଫି ମାରଫତିସାହାବା ଲେ ଇବ୍‌ନେ ଅସିର୍, ଖଣ୍ଡ-୨, ପୃଷ୍ଠା-୩୯୯, ହଜ୍‌ରତ୍ ସାଏବ୍ ବିନ୍ ମଜ୍‌ଉନ୍ ର:ଅ, ବେରୁତ୍ ୧୯୯୬)

ମୁଁ କିଛି ସାହାବା ମାନଙ୍କ ଚର୍ଚ୍ଚା କରିବା ସମୟରେ ପୂର୍ବରୁ ମଧ୍ଯ ହବ୍‌ଶାର ହିଜ୍‌ରତ୍ ସମ୍ବନ୍ଧରେ ବର୍ଣ୍ଣନା କରିସାରିଛି ଯେ ଯେତେବେଳେ ମୁସଲ୍‌ମାନ୍‌ମାନଙ୍କ ଦୁଃଖ ବହୁମାତ୍ରାରେ ବଢ଼ିଗଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ମୁସଲ୍‌ମାନ୍ ମାନଙ୍କୁ କହିଲେ ଯେ ସେମାନେ ହବ୍‌ଶା ଆଡକୁ ହିଜ୍‌ରତ୍ କରି ଚାଲିଯାଆନ୍ତୁ ଏବଂ ଏକଥା ମଧ୍ଯ କହିଲେ ଯେ ହବ୍‌ଶାର ସମ୍ରାଟ ଜଣେ ନ୍ୟାୟକୁ ପସନ୍ଦ କରୁଥିବା ବ୍ୟକ୍ତି ଅଟନ୍ତି । ତାଙ୍କ ରାଜତ୍ୱରେ କାହା ଉପରେ ଅତ୍ୟାଚାର ହେଉନାହିଁ । ସେ ସମୟରେ ହବ୍‌ଶାରେ ଗୋଟିଏ ଦୃଢ଼ ଇସାଇ ହୁକୁମତ୍ ପ୍ରତିଷ୍ଠିତ ଥିଲା ଓ ସେଠାର ସମ୍ରାଟକୁ ନଜାଶି କୁହାଯାଉଥିଲା । ସେ ଯାହାହେଉ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିର୍ଦ୍ଦେଶରେ ୫ ନବୱି ରଜବ୍ ମାସରେ ୧୧ଜଣ ପୁରୁଷ ଓ ୪ଜଣ ମହିଳା ହବ୍‌ଶାକୁ ହିଜ୍‌ରତ୍ କରି ଚାଲିଗଲେ । ସେମାନେ ଯେତେବେଳେ ହିଜ୍‌ରତ୍ କଲେ ଏହା ସେମାନଙ୍କ ସୌଭାଗ୍ୟ ଥିଲା ଯେ ଯେତେବେଳେ ସେମାନେ ମକ୍କାରୁ ବାହାରିଲେ ଓ ଦକ୍ଷିଣ ଆଡକୁ ଯାତ୍ରା କରି ସେମାନେ ଶୈବା ନାମକ ସ୍ଥାନରେ ପହଂଚିଲେ ଯାହା ସେ ଯୁଗରେ ଆରବର ଏକ ବନ୍ଦର ଥିଲା, ଅଲ୍ଲାଃତାଲାଙ୍କର ଏପରି କୃପା ହେଲା ଯେ ସେମାନଙ୍କୁ ଏକ ବ୍ୟବସାୟୀ ଜାହାଜ ମିଳିଗଲା । ଯାହା ହବ୍‌ଶା ଆଡକୁ ଯିବା ପାଇଁ ପ୍ରସ୍ତୁତ ହୋଇ ରହିଥଲା । ସୁତରାଂ ଏମାନେ ସମସ୍ତେ ଶାନ୍ତିର ସହିତ ସେଥିରେ ଆରୋହଣ କରିଗଲେ ଓ ଜାହାଜଟି ଯାତ୍ରା ଆରମ୍ଭ କଲା । ହବ୍‌ଶାରେ ପହଂଚି ମୁସଲ୍‌ମାନ୍ ମାନଙ୍କୁ ବହୁତ ଶାନ୍ତି ଅନୁଭବ ହେଲା ଓ ଜେଣ ତେଣ ପ୍ରକାରେଣ କୁରୈଶଙ୍କ ଅତ୍ୟାଚାରରୁ ମୁକ୍ତି ମିଳିଲା । କିନ୍ତୁ ଯେପରିକି କିଛି ଐତିହାସିକମାନେ ଏକଥା ବର୍ଣ୍ଣନା କରିଛନ୍ତି, ସେମାନଙ୍କ ସମ୍ବନ୍ଧରେ ପୂର୍ବରୁ ମଧ୍ଯ ବର୍ଣ୍ଣନା ହୋଇସାରିଛି ଯେ ସେମାନେ ଉକ୍ତ ଖବରକୁ ଶୁଣି ଫେରିଆସିଥିଲେ । ମହାଜିର୍‌ମାନଙ୍କୁ ହବ୍‌ଶାରେ ରହିବାର ଅଧିକ ସମୟ ବିତୁନଥିଲା ଯେ ଗୋଟିଏ ଅପପ୍ରଚାର ଉଠିଲା ଯେ ସବୁ କୁରୈଶମାନେ ମୁସଲ୍‌ମାନ ହୋଇଯାଇଛନ୍ତି ଓ ମକାରେ ବର୍ତମାନ ସମ୍ପୂର୍ଣ୍ଣ ଶାନ୍ତି ହୋଇଯାଇଛି । ଏହି ଖବରର ଫଳ ଏହା ବାହାରିଲା ଯେ ଅଧିକାଂଶ ମୁହାଜିର୍ ବିନା କୌଣସି ଚିନ୍ତା କରି ଲେଉଟି ଗଲେ । ଯେତେବେଳେ ଏହି ଲୋକମାନେ ମକ୍କା ନିକଟରେ ପହଂଚିଲେ ଓ ଜାଣିବାକୁ ପାଇଲେ ଯେ ସେହି ଖବରଟି ଭୁଲ୍ ଥିଲା ବୋଲି ଓ ମହାଜିର୍‌ମାନଙ୍କୁ ହବ୍‌ଶାରୁ ଫେରାଇ ଆଣିବା ପାଇଁ ଏହା କାଫିର୍‌ମାନଙ୍କର ଏକ ଚେଷ୍ଟା ଥିଲା । ଏବେ ସେମାନଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ଥିଲା । ସେ ଯାହାହେଉ ଅନ୍ୟ କୌଣସି ଉପାୟ ନଥିଲା । କିଛି ଲୋକ ତ ଅଧା ରାସ୍ତାରୁ ଫେରି ଚାଲିଗଲେ ଓ କିଛି ଲୋକ ମକ୍କାରେ ପହଂଚି ପ୍ରଭାବଶାଳୀ ଲୋକମାନଙ୍କ ଶରଣ ନେଲେ କିନ୍ତୁ ତାହା ମଧ୍ଯ ଅଧିକା ସମୟ ପର୍ଯ୍ୟନ୍ତ ତିଷ୍ଠି ରହିପାରିନଥାନ୍ତା । କୁରୈଶ୍‌ଙ୍କର ଯେଉଁ ଅତ୍ୟାଚାର ଥିଲା ତାହା ବଢ଼ି ଚାଲିଲା ଓ ମୁସଲ୍‌ମାନ୍ ମାନଙ୍କ ପାଇଁ ମକ୍କାରେ କୌଣସି ସ୍ଥାନ ଶାନ୍ତିର ସହିତ ବିତାଇବା ପାଇଁ ନଥିଲା । ତେଣୁ ପୁଣି ଆଁ ହଜ୍‌ରତ୍ ସ:ଆ:ସ ହିଜ୍‌ରତ୍ କରିବା ପାଇଁ ନିର୍ଦ୍ଦେଶ ଦେଲେ । ସୁତରାଂ ଅନ୍ୟ ମୁସଲ୍‌ମାନମାନେ ମଧ୍ଯ ଲୁଚିଛପି କରି ହିଜ୍‌ରତ୍ କରିବା ଆରମ୍ଭ କରିଦେଲେ ଓ ଅବସର ଦେଖି ଧିରେଧିରେ ବାହାରିଗଲେ । ହିଜ୍‌ରତ୍ କରିବାର ଏହି ଧାରା ଏପରି ଆରମ୍ଭ ହେଲା ଯେ ପରିଶେଷରେ ହବ୍‌ଶାକୁ ହିଜ୍‌ରତ୍ କରିଥିବା ମୁହାଜିର୍‌ମାନଙ୍କର ସଂଖ୍ୟା ୧୦୦କୁ ପହଂଚିଗଲା । ଯେଉଁଥିରେ ୧୮ଜଣ ମହିଳା ଥିଲେ ଓ ବାକି ସମସ୍ତେ ପୁରୁଷ ଥିଲେ । ଏହିପରି ଏହି ଦ୍ୱିତୀୟ ହିଜ୍‌ରତ୍ ମଧ୍ଯ ହୋଇଥିଲା । ସେ ଯାହାହେଉ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅଙ୍କ ସମ୍ବନ୍ଧରେ ଏହା ଆସୁଛି ଯେ ସେ ପ୍ରଥମ ହିଜ୍‌ରତ୍ ସମୟରେ ଫେରି ଆସିଥିଲେ । କିନ୍ତୁ ପୁନର୍ବାର ଯାଇଥିଲେ କି ନାହିଁ ଜଣାପଡୁନାହିଁ ବା ପୁଣି ସେ ଏଠାରୁ ମଦିନା ହିଜ୍‌ରତ୍ କରି ଚାଲିଯାଇଥିଲେ । (ସିରତ୍ ହଜ୍‌ରତ୍ ଖାତମୁନ୍ ନବିୟିନ୍, ପୃଷ୍ଠା-୧୪୬-୧୪୯)

ସେ ଯାହା ହେଉ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ମଜ୍‌ଉନ୍ ର:ଅ ଯେତେବେଳେ ହିଜ୍‌ରତ୍

*ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...*

(Chair of Islamic Studies Jorge Mission University)
Hon'ble Gerry Connolly (U.S Congress Men)

ସାକ୍ଷାତକାର ସମୟରେ ସମସ୍ତ ଅତିଥିମାନେ ନିଜ ନିଜର ପରିଚୟ ପ୍ରଦାନ କଲେ ।

Chairman of Prince Williams County Board of Supervision କହିଲେ ଯେ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଏହି କାଉଂଟିଠାରେ ସ୍ୱାଗତ ଜଣାଉଛି । ମୁଁ ଏ ବର୍ଷ ସିନେଟ୍‌ର ସେଟ୍ ପାଇଁ ମଧ ଭାଗ ନେଉଅଛି ଓ ଏଥିପାଇଁ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ପ୍ରାର୍ଥନା କରିବା ପାଇଁ ନିବେଦନ କରୁଅଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ଫଜଲ୍ ଫରମାଏ ଅର୍ଥାତ୍ ଅଲ୍ଲାଃଙ୍କ କରୁଣା ହେଉ ।

ମାର୍ଟିନ ନୁହେ କହିଲେ ଯେ, ମୁଁ ମଧ ପ୍ରିନ୍ସ ଓ୍ୱିଲିୟମସ କାଉଁଟି ବୋର୍ଡ଼ର ସଦସ୍ୟ ଅଛି । ମତେ ମଧ ଅହେମଦୀଙ୍କ ସହିତ କାମ କରିବା ପାଇଁ ଅବସର ମିଳିଛି ଏବଂ ମୋ ପାଇଁ ଅଲ୍ଲାଃ ତାଲାଙ୍କ ଘରର ନିର୍ମାଣର ସ୍ୱପ୍ନକୁ ସମ୍ପୁର୍ଣ୍ଣରୂପେ ନିର୍ବାହ କରିବା ପାଇଁ କାର୍ଯ୍ୟ କରିବା ହେଉଛି ଗର୍ବର ବିଷୟ । ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେ କହିଲେ ଯେ, ମୋ କାଉଁଟିରେ ମଧ ଅହେମଦୀ ଅଛନ୍ତି । ଏତେ ମାତ୍ରାରେ ସଂଖ୍ୟା ତାଙ୍କର ତ ନାହିଁ କିନ୍ତୁ ଦିନକୁ ଦିନ ବଢ଼ି ଚାଲିଛି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ: ଏ ସଂଖ୍ୟାରେ ବୃଦ୍ଧି ମଧ ଘଟିବ କାରଣ ବହୁ ମାତ୍ରାରେ ମୁହାଜିର୍ ମାନେ ଏଠାକୁ ଆସୁଛନ୍ତି ଏଥିରେ ସେ କହିଲେ ଯେ ଆମ କାଉଁଟିରେ ପୂର୍ବରୁ ବିଭିନ୍ନ ଧର୍ମ ଓ ବିଭିନ୍ନ ଜାତି ସହିତ ସମ୍ବନ୍ଧ ରଖିଥିବା ଲୋକମାନଙ୍କ ସଂଖ୍ୟା ବହୁତ କମ୍ ଥିଲା କିନ୍ତୁ ଏବେ ଆମ କାଉଁଟିରେ ଏପରି ଲୋକମାନଙ୍କର ବହୁତ କ୍ଷିପ୍ରଗତିରେ ବୃଦ୍ଧି ହେଉଅଛି ଯଦ୍ୱାରା ଆମ କାଉଁଟିର ଡାଇଭର ସିଟିରେ ବହୁତ ବୃଦ୍ଧି ଘଟିଛି ।

ଡ଼ାଉଡା ଫାଡେରା ଗାମ୍ବିୟାନ୍ ଆମ୍ବାସାଡ଼ର ତାଙ୍କ ପତ୍ନୀଙ୍କ ସହିତ ଏହି ମିଟିଙ୍ଗରେ ସାମିଲ ହୋଇଥିଲେ । ସେ କହିଲେ ଆମେ ନିଜ ଦେଶ ଗାମ୍ବିୟାରେ ଯମାତ୍ ଅହେମଦୀୟାର ଉପସ୍ଥିତି ଯୋଗୁଁ ଡ଼ାକ୍ତରଖାନା, ସ୍କୁଲ୍ ଏବଂ ମସଜିଦ୍ ମାଧମରେ ଅଗଣତି ଲାଭ ଉଠାଉଅଛୁ । ଯମାତ୍ ଅହେମଦୀୟା ଆମ ଦେଶରେ ଲୋକମାନଙ୍କ ଉପରେ ବହୁତ ସକାରାତ୍ମକ ପ୍ରଭାବ ଛାଡ଼ି ଅଛି । ଗାମ୍ବିୟାନ୍ ସରକାର ଓ ଯମାତ୍ ଅହେମଦିୟାର ସମ୍ବନ୍ଧ ଅତ୍ୟନ୍ତ ସୁଦୃଢ଼ । ଏହି ସମ୍ପର୍କ ଯୋଗୁଁ ମୁଁ ଆଜି ଏଠାରେ ଉପସ୍ଥିତ ହୋଇଅଛି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ଧନ୍ୟବାଦ ଜଣାଇଲେ ।

ବାବର ଲତିଫ ସାହେବ ଚେୟାରମ୍ୟାନ ଅଫ୍ ସ୍କୁଲ ବୋର୍ଡ଼ ଏବଂ ପ୍ରିନ୍ସ ଓ୍ୱିଲିୟମ କାଉଁଟି କହିଲେ ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଏଠାରେ ସ୍ୱାଗତ ଜଣାଉଛି ଆମ ସ୍କୁଲ ସିଷ୍ଟମରେ ୯୨ ହଜାର ଛାତ୍ରଛାତ୍ରୀ ଶିକ୍ଷା ଆହୋରଣ କରୁଛନ୍ତି ଓ ସେମାନଙ୍କ ମଧରୁ ଅଧିକାଂଶ ହେଉଛନ୍ତି ଅହେମଦୀ ।

ଆଡମ୍ ମାନେ ସାହେବ୍ ସିନାଗଜ୍‌ର ପ୍ରତିନିଧି ଥିଲେ ସେ କହିଲେ ମୁଁ ଇହୁଦୀ କମ୍ୟୁନିଟି ତରଫରୁ ନିମନ୍ତ୍ରଣ ମିଳିବା ଯୋଗୁଁ ଆପଣଙ୍କୁ ଧନ୍ୟବାଦ ଜଣାଉଛି ।

ଡ଼ାକ୍ତର କ୍ୟାର୍ଟିନା ଲ୍ୟାଟଂସ୍ ସାହିବା ନିଜର ମନୋଭାବକୁ ପ୍ରକାଶ କରି କହିଲେ ଆପଣଙ୍କ କମ୍ୟୁନିଟି ଏ ଦେଶର ଉନ୍ନତି ସାଧନ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରୁଅଛି । ତେଣୁ ଆପଣ ଏଠାକୁ ଆସିଥିବା ଯୋଗୁଁ ମୁଁ ଆପଣଙ୍କ ନିକଟରେ କୃତଜ୍ଞ ଏବଂ ଆପଣଙ୍କ ପଦାର୍ପଣ ଆମ ପାଇଁ ଗର୍ବର କାରଣ ।

ଅତିଥିମାନଙ୍କ ସହିତ ଏହି ସାକ୍ଷାତକାର ୫.୩୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା ।

### ମସ୍‌ଜିଦ୍ ମସରୁର୍‌ର ଉଦ୍‌ଘାଟନୀ ଉତ୍ସବ

ଏହାପରେ ପ୍ରୋଗ୍ରାମ ମୁତାବକ ହଜୁର ଅନଓ୍ୱର ଅ:ବ:ଅ ମସଜିଦ୍‌ର ବାହ୍ୟ ପ୍ରାଙ୍ଗଣରେ ଲଗାଯାଇଥିବା ମାରକି ଭିତରକୁ ପ୍ରବେଶ କଲେ ଯେଉଁଠି ମସଜିଦ୍ ମସରୁରର ଉଦ୍‌ଘାଟନ ପ୍ରସଙ୍ଗରେ ଗୋଟିଏ ଉତ୍ସବ ଅନୁଷ୍ଠିତ କରାଯାଇଥିଲା ।

ଏହି ଉତ୍ସବରେ ବିଭିନ୍ନ ଯମାତ ଗୁଡ଼ିକରୁ ଆସିଥିବା ଯମାତି ଓ୍ୱହଦାଦାରଙ୍କ ବ୍ୟତିତ ୨୦୦ ପାଖାପାଖି ଅତିଥି ସାମିଲ ହୋଇଥିଲେ । ଏହି ଅତିଥିମାନଙ୍କ ମଧରେ ନିମ୍ନଲିଖିତ ବ୍ୟକ୍ତି ବିଶେଷ ସାମିଲ ହୋଇଥିଲେ ।

Hon'ble Gerry Connolly (U.S Congressmen)
Tom Lantos (President of Foundation of Human Rights & Justis)
Hon. Dawda Fadera (Amassador of Gambia)
Senetors state of Virgina)
Member of Virgina House Delegates
Chairman DC city Concil
Member of Manassas Park
Mayer of Fair Fay
Chairman Prince Williams County Boards of Supervisiors
Prince William & Fair Fay County Board
Prof. Abdul Aziz Sachedina (Jurge Mission University)
Two members of Jurge Wasington University
Vice President of Jewish Organization

ଏତଦ୍ ବ୍ୟତିତ ଡ଼ାକ୍ତର, ଶିକ୍ଷକ, ଓକିଲ, ପତ୍ରକାର, ମିଡ଼ିଆ ପ୍ରତିନିଧିଗଣ, ସିକ୍ୟୁରିଟି କାର୍ଯ୍ୟାଳୟର ପ୍ରତିନିଧିମାନେ ଏବଂ ବିଭିନ୍ନ ବିଭାଗରେ ସମ୍ପର୍କ ରଖିଥିବା ଲୋକମାନେ ସାମିଲ ହୋଇଥିଲେ ।

ପ୍ରୋଗ୍ରାମର ସୁଭାରମ୍ଭ ପବିତ୍ର କୋରାନ୍ ପାଠ ଦ୍ୱାରା ହେଲା ଯାହାକୁ ମୁକରମ୍ ଫାରାନ୍ ରୋବାନି ସାହେବ ମୁବଲିଗ ସିଲ୍‌ସିଲା ସାଉଥ ଭର୍ଜିନିୟା ୟୁ.ଏସ.ଏ ପାଠ କଲେ ଓ ତା ପରେ ଇଂରାଜୀ ଭାଷାରେ ତା'ର ଅନୁବାଦ ଉପସ୍ଥାପନ କଲେ ।

ଏହାପରେ ମୋକ୍‌ରମ୍ ଅମଜଦ୍ ମେହମୁଦ୍ ଖାନ୍ ସାହେବ ନ୍ୟାସନାଲ ସେକ୍ରେଟରୀ ଉମୁରେ ଖାରିଜା ୟୁ.ଏସ୍ ଅତିଥିମାନଙ୍କୁ ସ୍ୱାଗତ ଜଣାଇଲେ ଏବଂ ଏହି ଉତ୍ସବ ପ୍ରସଙ୍ଗରେ ନିଜର ପରିଚୟ ମୁଳକ ଅଭିଭାଷଣ ପ୍ରଦାନ କଲେ ଏହା ପରେ ତିନିଜଣ ଅତିଥି ନିଜ ନିଜର ଭାଷଣ ଉପସ୍ଥାପନ କଲେ ।

ସର୍ବ ପ୍ରଥମେ କଂଗ୍ରେସ ମ୍ୟାନ ଗ୍ୟରୀ କନୋଲି ସାହେବ ନିଜର ବକ୍ତବ୍ୟକୁ ଉପସ୍ଥାପନ କରି କହିଲେ ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ପ୍ରିନ୍‌ସ ଓ୍ୱିଲିୟମ୍ କାଉଁଟିରେ ସ୍ୱାଗତ ଜଣାଉଛି । ମସଜିଦ୍ ମସରୁରର ଉଦଘାଟନୀ ଅବସରରେ ଏହା ତା ନିଜ ଭିତରେ ଅତ୍ୟନ୍ତ ମହାନତାକୁ ଧରି ରଖିଛି । ହଜୁର ଅନଓ୍ୱର ଅ:ବ:ଅ ଆମେରିକାରେ ସେତେବେଳେ ଆସିଛନ୍ତି ଯେତେବେଳେ ଆମେ କଠିନ୍ ପରିସ୍ଥିତି ଦେଇ ଗତି କରୁଅଛୁ ଯେଉଁଠି ପ୍ରତ୍ୟେକ ଦିନ କିଛି ନା କିଛି ଦୁର୍ଘଟଣା ଘଟୁଅଛି । ଏବେ କିଛି ଦିନ ହେବ ପିଟ୍‌ସ ବର୍ଗ ପ୍ୟାନସ୍ଲୋଭିନିଆରେ ଓ ସିନାଗଜ୍‌ଠାରେ ମଧ ଦୁର୍ଘଟଣା ଘଟିଛି । ଆମ ଦେଶକୁ ''ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ'' ସଦୃଶ ବାକ୍ୟ ଉପରେ ଧ୍ୟାନ ଦେବାର ଭିଷଣ ଆବଶ୍ୟକ ରହିଛି । ହଜୁର ଅନଓ୍ୱର ଅ:ବ:ଅଙ୍କ ସମ୍ମୁଖରେ ବିଭିନ୍ନ ଗୋଷ୍ଠି ସହିତ ସମ୍ପର୍କ ରଖିଥିବା ଅତିଥିମାନେ ବସିଥିଲେ ଯେଉଁମାନେ ଏତେ ମାତ୍ରାରେ ସାଂସ୍କୃତିକ ସମାଜକୁ ସ୍ୱାଗତ କରୁଥିଲେ । ଆମ ଦେଶର ମୋଟୋ ହେଉଛି ଓ ସଂନ୍ତକ ହେଉଛି ଇ-ପ୍ଲୁରି ବସ୍ ଅନମ୍ । ଏହା ଏକ ଲାଟିନ୍ ବାକ୍ୟ ଯାହାର ଅର୍ଥ ହେଉଛି ''ବହୁତ ଗୁଡ଼ିଏ ବସ୍ତୁ ସହିତ ମିଶି ଏକ'' ଆମେ ସମସ୍ତେ ଗୋଟିଏ ସମାଜ, ଆମେ ସମସ୍ତେ ଗୋଟିଏ ଦେଶ । ସେଥିପାଇଁ ଆମେ ଆଜି ଆପଣଙ୍କ ଏହି ସୁନ୍ଦର ମସଜିଦ୍ ର ଉଦ୍‌ଘାଟନୀ ଉତ୍ସବରେ ଖୁସିରେ ସାମିଲ ହୋଇଛୁ ଏବଂ ଆପର୍ଣଙ୍କୁ ସ୍ୱାଗତ ଜଣାଉଛୁ । ଆପଣ ଯେଉଁ ବାର୍ତା ନେଇ ଆସିଛନ୍ତି ତା ମଧରେ ଆମପାଇଁ ମଧ ଭଲ କଥା ରହିଛି ।

ମତେ ୟୁନାଇଟେଡ଼୍ ଷ୍ଟେଟ୍‌ସ କଂଗ୍ରେସରେ ଅହେମଦୀୟା ମୁସଲିମ୍ କାଉକସ୍ ରେ ସାମିଲ ହେବା ପାଇଁ ମଧ ଗର୍ବ ଅୁନଭବ ହେଉଅଛି ସେହିପରି ମତେ ଏ କଥାରେ ମଧ ଗର୍ବ ଅନୁଭବ ହେଉଛି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ପାଇଁ ଯେଉଁ ରିଜ୍ୟୁଲେସନ୍ ଉପସ୍ଥାପନ କରାଯାଇଥିଲା ତାହାର ଡ୍ରାଫ୍ଟିଙ୍ଗରେ ମୋର ମଧ ଭାଗ ଥିଲା । ମୁଁ ବିଶେଷ ରୂପେ ହଜୁର ଅନଓ୍ୱର ଅ:ବ:ଅଙ୍କ ସାରା ପୃଥିବୀରେ ଥିବା ଶାନ୍ତି ନିମନ୍ତେ ଚେଷ୍ଟା ଏବଂ ଯେଉଁଭଳି ଆପଣ ଚରମପନ୍ଥୀ ଓ ଅତ୍ୟାଚାରକୁ ନିନ୍ଦା କରୁଥିଲେ, ଏହାକୁ ମୁଁ ପ୍ରଶଂସା କରୁଅଛି । ଆପଣଙ୍କ ଧର୍ମୀୟ ସ୍ୱାଧୀନତା, ମାନବିକ ଅଧିକାର ଏବଂ ଗଣତନ୍ତ୍ର ପ୍ରତିଷ୍ଠା କରିବାର ଅଭିଳାଷ ପ୍ରଶଂସନୀୟ ଅଟେ । ଆଜି ହଜୁର ଅନଓ୍ୱର ଅ:ବ:ଅଙ୍କର ଏଠାରେ ପହଂଚିବା ଆମ ପାଇଁ ଏକ ଗର୍ବର ବିଷୟ । ଧନ୍ୟବାଦ ନିଜ ଅଭିଭାଷଣର ଶେଷରେ କଂଗ୍ରେସ ମ୍ୟାନ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ରିଜ୍ୟୁଲୁସନର କପି ମଧ

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Pankal (Odisha)*

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁଓ୍ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁଓ୍ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ । (ବଦର କାର୍ଯ୍ୟାଳୟ)

## ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିଭାବକୁ ଦେଖାଅ । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଓ ତା ଉପରେ ପରିଚାଳିତ ହୁଅ ।

### ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିଜ ଜମାତ୍‌ଠାରୁ ଆଶାପୋଷଣ

ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-

ମନେରଖ ଆମ ଜମାତ୍ ଏକଥା ପାଇଁ ନୁହେଁ ଯେପରି ସାଧାରଣ ସାଂସାରିକ (ବ୍ୟକ୍ତି) ଜୀବନ ବିତାଇଥାଏ । କେବଳ ମୁହଁରୁ କହିଥାଏ ଯେ ଆମେ ଏହି ସିଲ୍‌ସିଲାରେ ଦାଖିଲ୍ ଅଛୁ । ଏବଂ ଅମଳ (କାର୍ଯ୍ୟ)ର ଆବଶ୍ୟକତାକୁ ବୁଝୁନାହିଁ ଯେପରି ଦୁର୍ଭାଗ୍ୟ ବଶତଃ ମୁସଲ୍‌ମାନ୍ ମାନଙ୍କର ଏପରି ଅବସ୍ଥା ଯେ (ଯେବେ ତାଙ୍କୁ) ପଚାର କି ତୁମେ ମୁସଲ୍‌ମାନ୍ ଅଟ ? ସେତେବେଳେ ସେ କହିଥାନ୍ତି ଶୁକର୍ ଅଲ୍‌ହମ୍‌ଦୋଲିଲ୍ଲାଃ । କିନ୍ତୁ ନମାଜ ପଢ଼ନ୍ତି ନାହିଁ ଏବଂ ଅଲ୍ଲାଃଙ୍କ ଚିହ୍ନର ସମ୍ମାନ କରନ୍ତି ନାହିଁ ସୁତରାଂ ମୁଁ ତୁମଠାରୁ ଏହା ଚାହୁଁନାହିଁ ଯେ କେବଳ ମୁହଁଦ୍ୱାରା ମାନିନିଅ ଓ କାର୍ଯ୍ୟ କରି କିଛି ଦେଖାଅନାହିଁ । ଏହା ହେଉଛି ନିକମା ମାନଙ୍କ ଅବସ୍ଥା । ଖୁଦାତାଲା ଏହା ପସନ୍ଦ କରେନାହିଁ । ପୃଥିବୀର ଏପରି ଅବସ୍ଥା ଏହା ଚାହୁଁଥିଲା କି ଖୁଦାତାଲା ମୋତେ ଇସ୍‌ଲାହ୍ (ସଂସ୍କାର) ନିମନ୍ତେ ଛିଡା କଲା । ତେଣୁ ଏବେ ଯଦି କୌଣସି (ବ୍ୟକ୍ତି) ମୋ ସହିତ ସମ୍ପର୍କ ରଖି ମଧ୍ୟ ନିଜ ଅବସ୍ଥାରେ ସୁଧାର ଆଣୁନାହିଁ ଏବଂ କାର୍ଯ୍ୟଶକ୍ତିରେ ଉନ୍ନତି ଆଣୁନାହିଁ ବରଂ ମୁହଁଦ୍ୱାରା ମାନିଯିବାକୁ ହିଁ ଯଥେଷ୍ଟ ମଣୁଛି ସେ ଏପରି ଅଟେ ଯେପରି ନିଜର କାର୍ଯ୍ୟଦ୍ୱାରା ମୋ ଅନାବଶ୍ୟକତା ଉପରେ ଜୋର୍ ଦେଉଅଛି । ପୁଣି ତୁମେ ଯଦି ନିଜ କାର୍ଯ୍ୟଦ୍ୱାରା ପ୍ରମାଣ କରିବାକୁ ଚାହୁଁଛ ଯେ ମୋ ଆସିବା ନିରର୍ଥକ ତେବେ ପୁଣି (ଯଦି) ମୋ ସହିତ ସମ୍ପର୍କ ରଖିବାର ଅର୍ଥ କଣ ? ମୋ ସହିତ ସମ୍ପର୍କ ସୃଷ୍ଟି କରୁଛ ତେବେ ମୋର ଲକ୍ଷ ଓ ଉଦ୍ଦେଶ୍ୟକୁ ପୂରଣ କର ଓ ତାହା ହେଉଛି ଏହା ଯେ ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିକୁ ଦେଖାଅ ଏବଂ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ସେହିପରି ପରିଚାଳିତ ହୁଅ ଯେଉଁପରି ରସୁଲୁଲ୍ଲାଃ ସ:ଆ:ସ କରି ଦେଖାଇଛନ୍ତି ଏବଂ ସାହାବାମାନେ ମଧ୍ୟ କରିଛନ୍ତି । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଏବଂ ତା ଉପରେ ପରିଚାଳିତ ହୁଅ । ଖୁଦାତାଲାଙ୍କ ନିକଟରେ ଏତିକି କଥା ଯଥେଷ୍ଟ ହୋଇପାରେନା ଯେ ମୁହଁରେ ମାନିନେବା ଓ କାର୍ଯ୍ୟରେ କୌଣସି ଆଲୋକ ଓ ଉତ୍ସୁକତା ନମିଳିବା । ମନେରଖ ଯେ ଯେଉଁ ଜମାତ୍‌କୁ ଖୁଦାତାଲା ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ତାହା ବିନା କାର୍ଯ୍ୟରେ ଜୀବିତ ରହିପାରିବ ନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୨୨୨)*

(ନଜାରତ୍ ଇସ୍‌ଲାହ୍ ଓ୍ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)

## ଓଡ଼ିଆ ବଦର୍‌ରେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ନିମନ୍ତେ ସ୍ୱେଚ୍ଛାସେବୀ କମ୍ପୋଜରଙ୍କ ଆବଶ୍ୟକ

ଓଡ଼ିଆ ବଦର୍ ନିମନ୍ତେ ଡ଼ିଟିପି କାର୍ଯ୍ୟ ସମ୍ପାଦନ କରିବା ପାଇଁ ସ୍ୱେଚ୍ଛାସେବୀ କମ୍ପୋଜର ଆବଶ୍ୟକ ହେଉଛି ତେଣୁ ଏହି ସେବା କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ପ୍ରାର୍ଥୀ/ପ୍ରାର୍ଥିନୀ ନିମ୍ନଲିଖିତ ଠିକଣାରେ ଯୋଗାଯୋଗ କରିପାରିବେ ।

Manager WeeklyBadar Qadian
Ph No: +911872 224757
Mob No: +919417020616
Email: managerbadarqnd@gmail.com
Naib Editor Odia Badar
Mob: 9437128786

## ହଜୁର ଅନଓ୍ୱରଙ୍କ ଗୋଚରରେ ଡ଼ାକ ଦ୍ୱାରା ଚିଠି ଲେଖୁଥିବା ଲୋକମାନଙ୍କ ପାଇଁ

## ନୂଆ ଠିକଣା

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ, ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଗତ କିଛି ସପ୍ତାହ ହେବ ମସ୍‌ଜିଦ୍ ଫଜଲ୍‌ରୁ ଆସି ନୂଆ ମର୍କଜ୍ ଇସାଲାମବାଦ ଟିଲ୍‌ଫୋର୍ଡ଼ଠାରେ ରହୁଛନ୍ତି ଯେଉଁ ଲୋକମାନେ ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ସେବାରେ ପ୍ରାର୍ଥନା ମୁଳକ ଚିଠି ଡ଼ାକ ଦ୍ୱାରା ପଠାଉଛନ୍ତି ସେମାନେ ଏବେ ନିମ୍ନଲିଖିତ ନୂଆ ଠିକଣାରେ ଚିଠି ପଠାନ୍ତୁ

Islamabad, 2, Sheephatch Lane,
Tilford Surrey GU10 2AQ
United Kingdom

## ସାଲାନା ଇଜିତେମା

### ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜନା ଇମାଇଲ୍ଲାଃ ଭାରତ-୨୦୧୯

ଭାରତର ସମସ୍ତ ଅନ୍‌ସାର୍, ଖୁଦାମ୍ ଓ ଲଜନା ଇମାଇଲାଙ୍କଙ୍କୁ ଲିଖିତ ରୂପେ ଅବଗତ କରାଇଦିଆଯାଉଛି ଯେ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ସଦିଚ୍ଛା ସହିତ ମର୍କଜି ସାଲାନା ଇଜିତେମା ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃ, ଖୁଦାମୁଲ୍ ଅହେମଦୀୟା ଓ ଲଜନା ଇମାଇଲ୍ଲାଃ ଭାରତ-୨୦୧୯ ନିମନ୍ତେ ତା ୧୮,୧୯,୨୦ ଅକ୍ଟୋବର (ଶୁକ୍ରବାର, ଶନିବାର, ରବିବାର) ର ମଞ୍ଜୁରି ପ୍ରଦାନ କରିଛନ୍ତି । ସମସ୍ତ ଜେଲି ତଞ୍ଜିମ୍ ର କର୍ମୀମାନଙ୍କୁ ଏବେଠାରୁ କାଦିୟାନ୍ ଦାରୁଲ୍ ଅମାନ୍‌ର ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହେବାକୁ ଥିବା ଏହି ମର୍କଜି ଇଜିତେମାଅତ୍‌ରେ ସାମିଲ୍ ହେବାପାଇଁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଦିଅନ୍ତୁ । ଏହି ଇଜ୍‌ତିମାଅତ୍ ତର୍‌ବିୟତ୍‌ର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ଅଟେ । ଯଜାକ୍‌ମୁଲ୍ଲାଃ- (ଇଦାରାଃ)

## ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କ ନିମନ୍ତେ ଜରୁରୀ ଘୋଷଣା

ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅୟଦହୁଲ୍ଲାହୋ ତାଲା ବେନସ୍‌ରେହିଲ୍ ଅଜିଜ୍‌ଙ୍କ ମଞ୍ଜୁରୀ ମୁତାବକ ଅଖ୍‌ବାର୍ ବଦର୍‌ର ବାର୍ଷିକ ଚାନ୍ଦାକୁ ବଢ଼ାଇ ଦିଆଯାଇଛି । ନୁଆ ଶର୍‌ହା (ଦର) ମୁତାବକ ବାର୍ଷିକ ଚାନ୍ଦା **୫୦୦** ଟଙ୍କା ଧାର୍ଯ୍ୟ କରାଯାଇଛି । ଯାହା ଏପ୍ରିଲ୍ ୨୦୧୮ ରୁ ଲାଗୁ ହେବ । କାଗଜ, ମୁଦ୍ରଣ, ଡାକ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ବଢ଼ିଯିବା ଯୋଗୁ ଏହା ଜରୁରୀ ହୋଇଯାଇଛି । ଅଖ୍‌ବାର୍ ବଦର୍‌ର ପାଠକ ପାଠିକାଙ୍କୁ ଅନୁରୋଧ କରାଯାଉଛି କି ଆସନ୍ତାକୁ ନୁଆ ଦର ମୁତାବକ ଚାନ୍ଦା ପଇଠ କରିବେ । ଏବଂ ଏହିପରି ବଦର୍‌ର ପ୍ରତିନିଧିମାନଙ୍କୁ ମଧ୍ୟ ଜଣାଇ ଦିଆଯାଉଅଛି କି ସେମାନେ ଆସନ୍ତାକୁ ନୁଆ ଶର୍‌ହା ଅର୍ଥାତ୍ ବାର୍ଷିକ **୫୦୦** ଟଙ୍କା ହିସାବରେ ଚାନ୍ଦା ଆଦାୟ କରିବେ ।

*(ମ୍ୟାନେଜର୍ ସାପ୍ତାହିକ ଅଖ୍‌ବାର୍ ବଦର୍ କାଦିଆନ୍)*

## ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୯ ମସିହା ଡିସେମ୍ବର୍ ତା-୨୭,୮,୨୯ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ **(ନାଜର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ଉପସ୍ଥାପନ କଲେ ସେଥିଯୋଗୁଁ ହଜୁର ଅନଓ୍ୱର ଅ:ବ:ଅ ତାଙ୍କୁ ଧନ୍ୟବାଦ ଜଣାଇଲେ ।

ଏହାପରେ ଡ଼ା କାର୍ଟିନା ଲ୍ୟାଂଟସ୍ ସ୍ୱେଟ୍ ଯିଏ ମାନବିକ ଅଧିକାର ଓ ନ୍ୟାୟ ଅନୁଷ୍ଠାନ ଟମ୍ ଲ୍ୟାଂଟସ୍ ଫାଉଣ୍ଡେସନ୍‌ର ମୁଖିଆ ଅଛନ୍ତି । ସେ ନିଜ ଅଭିଭାଷଣ ଉପସ୍ଥାପନ କଲେ । ସେ କହୁଛନ୍ତି ଆପଣ ସମସ୍ତଙ୍କୁ ଧନ୍ୟବାଦ । ଏହି ଅବସରରେ ଉପସ୍ଥିତ ହେବା ନିଶ୍ଚିତ ରୂପେ ମୋ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗର୍ବର ବିଷୟ । ବିଗତ କିଛି ବର୍ଷ ହେବ ମତେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଚାରି ପାଂଚ ଥର ସାକ୍ଷାତ କରିବାର ସୌଭାଗ୍ୟ ମିଳିଛି ଓ ଯେବେ ମଧ ମତେ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଉପସ୍ଥିତ ହେବାର ମୌକା ମିଳିଛି ସେତେବେଳେ ମୁଁ ଶାନ୍ତି, ପ୍ରେମ ଏବଂ ଭାଇଚାରାର ମନୋଭାବକୁ ହିଁ ଅନୁଭବ କରିଥାଏ ।

ସେ ପୁଣି କହିଲେ କଂଗ୍ରେସ ମ୍ୟାନ ଗ୍ୟାରି କନୋଲି ଙ୍କ କଥାକୁ ହିଁ ମୁଁ ପୁର୍ନାବୃତି କରିବି ଯେ, ଆମକୁ ବର୍ତମାନ ହଜୁର ଅନଓ୍ୱର ଅ:ବ:ଅଙ୍କ ବାର୍ତା ର ପ୍ରଥମ ପୂର୍ବଠାରୁ ଅଧିକା ଭୀଷଣ ଆବଶ୍ୟକତା ରହିଛି । ଯେବେ ମୁଁ ୟୁନାଇଟେଡ଼ ଷ୍ଟେଟ୍‌ସର ରିଲିଜିୟନ୍ସ ଫ୍ରିଡ଼ମସ କମିଶନର ସଭାପତି ଥିଲି ସେତେବେଳେ ମତେ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜଣା ପଡ଼ିଲା ସୁତରାଂ ଆପଣମାନେ ସମସ୍ତେ ଜାଣିଛନ୍ତି ଯେ ଯମାତ ଅହେମଦୀୟା ବହୁତ ଜବରଦସ୍ତ କମ୍ୟୁନିଟି ଯିଏ ପୃଥିବୀର ପ୍ରତ୍ୟେକ କୋଣରେ ମାନବଜାତିର ସେବା ଏବଂ ଇମାନ୍‌କୁ ପଂହଚାଇଛନ୍ତି । ଏବଂ ଏହି ସମସ୍ତ କାର୍ଯ୍ୟ ଯମାତ୍ ଅହେମଦୀୟା ନିଜ ଉପରେ ହେଉଥିବା ଭୀଷଣ ଅତ୍ୟାଚାର ସତ୍ୱେ ମଧ ସମ୍ପାଦନ କରିଚାଲିଛି । ପାକିସ୍ତାନରେ ଅହେମଦୀ ନାଗରିକଙ୍କୁ ଭୋଟ ଦେବାର ଅଧିକାର ନାହିଁ ତାଙ୍କର ସେମାନଙ୍କ ସୁରକ୍ଷା ଓ ପାକିସ୍ତାନରେ ସେମାନଙ୍କ ଉନ୍ନତି କରିବାର ମୁଳ ଅଧିକାରକୁ ବିପଦ ରହିଛି ଯେବେ କି ସରକାରଙ୍କୁ ଠିକ୍ ହେବ ଯେ, ସେ ତାଙ୍କ ଅଧିକାରକୁ ସୁରକ୍ଷା ଦିଅନ୍ତୁ । ଯେବେ କି ପାକିସ୍ତାନର ଇତିହାସରେ ଯେଉଁ ପ୍ରସିଦ୍ଧ ବ୍ୟକ୍ତିବିଶେଷ ଜୀବନ ଅତିବାହିତ କରିଛନ୍ତି ସେମାନଙ୍କ ମଧରେ ସବୁଠାରୁ ଉଚତମ ସ୍ଥାନ ହାସଲ କରିଥିବା ଲୋକମାନେ ମଧ ଅହେମଦୀ ଥିଲେ । ପାକିସ୍ତାନରେ ଏକ ମାତ୍ର ନୋବେଲ ପୁରସ୍କାର ବିଜେତା ବୈଜ୍ଞାନିକ ଅହେମଦୀ ହିଁ ଥିଲେ । ଯେଉଁ ବ୍ୟକ୍ତି ପାକିସ୍ତାନର ସମ୍ବିଧାନ ଲେଖିଛନ୍ତି ସେହି ବ୍ୟକ୍ତି ଜଣକ ଅହେମଦୀ କାନୁନ୍ ଦାନ୍ (ଅର୍ଥାତ୍ କାନୁନ ନିର୍ମାଣକାରୀ) ଥିଲେ । କିନ୍ତୁ ଏହା ସତ୍ୱେ ମଧ ଅହେମଦୀମାନେ ଏ ଦେଶରେ ଭୀଷଣ ଅତ୍ୟାଚାରର ଶିକାର ହେଉଛନ୍ତି । ଅହେମଦୀମାନେ ମତେ ସର୍ବଦା ସେହି ସ୍ୱର୍ଣିମ ସିଦ୍ଧାନ୍ତକୁ ମନେ ପକାଇ ଦେଉଛନ୍ତି ଯେ, କୁକର୍ମ ବଦଳରେ କୁକର୍ମ କର ନାହିଁ । ଅତ୍ୟାଚାରର ବଦଳରେ କ୍ରୋଧ କରନାହିଁ ବରଂ କୁକର୍ମର ମୁକାବିଲା ଭଲ କାର୍ଯ୍ୟ ଦ୍ୱାରା କର । ଯମାତ୍ ଅହେମଦୀୟାର ଅସ୍ତିତ୍ୱ ହିଁ ଆମକୁ ଆମର ସେହି ଦାୟିତ୍ୱ ପ୍ରତି ଧ୍ୟାନ ଆକର୍ଷଣ କରାଉଛି ଯେ ଆମେ ବାକ୍ ସ୍ୱାଧୀନତା ଏବଂ ଧର୍ମର ସୁରକ୍ଷା କରିବା ।

ଏହାପରେ ଭର୍ଜିନିଆ ହାଉସ୍ ଅଫ୍ ଡ଼େଲିଗେଟ୍‌ସର ସଦସ୍ୟ ହାଲା ଆୟାଲା ନିଜର ଅଭିଭାଷଣ ଉପସ୍ଥାପନ କଲେ ସେ ଭାଷଣର ପ୍ରାରମ୍ଭରେ ସିନେଟର୍ ଜେର୍ମି ମ୍ୟାକ ପାଇକଙ୍କୁ ମଧ ଷ୍ଟେଜ୍‌କୁ ଆସିବାକୁ ମଧ ଆମନ୍ତ୍ରଣ କଲେ । ସେ କହିଲେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ହେଉଛି ମୋ ପାଇଁ ଗର୍ବର ବିଷୟ ଏବଂ ମସଜିଦ ମସରୁର୍‌ର ଉଦ୍‌ଘାଟନୀ ଉତ୍ସବରେ ସାମିଲ ହେବା ମୋ ପାଇଁ ଆନନ୍ଦର ବିଷୟ । ମୁଁ ଆମ ଗର୍ଭନର ରାଲ୍‌ଫ୍ ନର୍ଥାମ୍‌ଙ୍କ ବାର୍ତା ନେଇ ଆସିଅଛି ।

ଗର୍ଭନର ଏହି ପ୍ରୋଗ୍ରାମରେ ସାମିଲ ନ ହୋଇଥିବା ଯୋଗୁଁ ଦୁଃଖ ପ୍ରକାଶ କରିଛନ୍ତି ଏବଂ ହଜୁର ଅନଓ୍ୱର ଅ:ବ:ଅଙ୍କ ପାଇଁ ସୁଭେଚ୍ଛାର ବାର୍ତା ପଠାଇଛନ୍ତି । ଗର୍ଭନର ନୁର୍ଥାମ ନିଜ ବାର୍ତାରେ ହଜୁର ଅନଓ୍ୱର ଅ:ବ:ଅଙ୍କ ସାରା ପୃଥିବୀରେ ଶାନ୍ତି ପ୍ରତିଷ୍ଠା, ମାନବିକ ଅଧିକାର ଏବଂ ଆନ୍ତର୍ଜାତିୟ ଅଧିକାରର ସୁରକ୍ଷା ନିମନ୍ତେ କରାଯାଉଥିବା ଚେଷ୍ଟାକୁ ପ୍ରଶଂସା କରୁଅଛି । ଗର୍ଭନର ସାହେବ କହିଲେ ଯେ, ଭିର୍ଜିନିଆ ଷ୍ଟେଟ ପ୍ରତ୍ୟେକ ଧର୍ମ ସହିତ ସମ୍ପର୍କ ରଖୁଥିବା ଲୋକଙ୍କୁ ସ୍ୱାଗତ ଜଣାଉଛି ଏବଂ ପ୍ରତ୍ୟେକ ଧର୍ମ ସହିତ ଏକାପରି ପ୍ରଶଂସା କରୁଅଛି । ଗର୍ଭନର ନିଜ ବାର୍ତାରେ ଯମାତ୍ ଅହେମଦୀୟାର ସଦସ୍ୟମାନଙ୍କୁ ମଧ ଧନ୍ୟବାଦ ଅର୍ପଣ କରୁଛନ୍ତି ଯିଏ ଫୁଡ଼ ଡ୍ରାଇଭସ୍, କ୍ଲୋଦିଙ୍ଗ ଡ୍ରାଇଭସ୍ କୁ ଅନୁଷ୍ଠିତ କରିବା ଏବଂ ରକ୍ତଦାନ କରିବାରେ ଆଗରେ ଅଛି ।

ଏହାପରେ ସେ ଏବଂ ତାଙ୍କ ସାଥି ସିନିଏଟର ମ୍ୟାକ୍ ପାଇକ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଗର୍ଭନରଙ୍କ ତରଫରୁ ପ୍ରଦାନ କରାଯାଇଥିବା Certificate of Recognition ଉପସ୍ଥାପନ କଲେ । ଉକ୍ତ ସାର୍ଟିଫିକେଟ ଉପରେ ଏକଥା ଲେଖା ହୋଇଥିଲା ଯେ, ''୩ ନଭେମ୍ବର ଦିନ ଯମାତ୍ ଅହେମଦୀୟା ଆମେରିକା ଭିର୍ଜିନିଆ ରେ ନିଜର ମସଜିଦ୍ ର ଉଦ୍‌ଘାଟନ କରୁଅଛି । ଯମାତ୍ ଅହେମଦୀୟା ଭିର୍ଜିନିଆ ଏହି ମସଜିଦ ମାଧମରେ ବହୁତ ସମାଜ ସେବାମୁଳକ କାର୍ଯ୍ୟରେ ଭାଗ ନେଉଅଛି । ହଜୁର ଅନଓ୍ୱର ଅ:ବ:ଅ ମୁସଲମାନମାନଙ୍କର ଏକ ମହାନ୍ ମାର୍ଗ ଦର୍ଶକ ଅଟନ୍ତି ଯିଏ ନିଜର ଖୁତ୍‌ବା ଗୁଡ଼ିକରେ, ଅଭିଭାଷଣରେ ନିଜ ପୁସ୍ତକ ଏବଂ ଅନ୍ୟାନ୍ୟ ମିଟିଙ୍ଗ ମାଧମରେ ଶାନ୍ତିର ବାର୍ତାକୁ ପ୍ରଚାର ପ୍ରସାର କରୁଛନ୍ତି । ଆମେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ପ୍ରିନ୍ସ ୱିଲିୟମ୍ କାଉଁଟିରେ ସ୍ୱାଗତ ଜଣାଉଛୁ''

**ସୟଦନା ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ**

ଏହାପରେ ଠିକ୍ ୬.୧୨ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ଅତିଥିମାନଙ୍କ ସମ୍ମୁଖରେ ଇଂରାଜୀ ଭାଷାରେ ଭାଷଣ ପ୍ରଦାନ କଲେ । ହଜୁର ଅନଓ୍ୱର ଅ:ବ:ଅଙ୍କ ଭାଷଣର ଓଡ଼ିଆ ଅନୁବାଦ ଉପସ୍ଥାପନ କରାଯାଉଅଛି ।

ହଜୁର ଅନଓ୍ୱର ଅ:ବ:ଅ ନିଜ ଭାଷଣର ପ୍ରାରମ୍ଭରେ ତଶହୁଦ ଓ ତଉଜ୍ ପାଠ କଲେ । ଏହାପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଉପସ୍ଥିତ ସମସ୍ତ ଅତିଥିଗଣ ! ଅସଲାମୁ ଆଲୈକୁମ୍ ୱ ରହମୁତ୍‌ଲାହି ୱ ବରକାତୁହୁ । ଆପଣ ସମସ୍ତଙ୍କ ଉପରେ ଶାନ୍ତି ଓ କୃପା ଅବତୀର୍ଣ୍ଣ ହେଉ । ଏହି ଅବସରରେ ସର୍ବପ୍ରଥମେ ମୁଁ ଆମର ସମସ୍ତ ଅତିଥିମାନଙ୍କର କୃତଜ୍ଞତା ଜ୍ଞାପନ କରିବାକୁ ଚାହୁଁଛି ଯେ ସେମାନେ ଆମ ନିମନ୍ତ୍ରଣକୁ ସ୍ୱୀକାର କରି ଏହି ମସଜିଦ୍‌ର ଉଦଘାଟନୀ ଉତ୍ସବରେ ସାମିଲ ହୋଇଛନ୍ତି । ଆପଣମାନଙ୍କୁ ଧନ୍ୟବାଦ ଜଣାଇବା

ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Mufleh-u-ddin Khan, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

ତାଲିବେ ଦୁଆ: *Sharif-u-ddin Khan, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Amiruddin Khan & Family, Jamat Ahmadiyya, Kerang (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Anisha Begum, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.4 Thursday 26 Sep 2019 Issue No. 39

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

**୦୩ ନଭେମ୍ବର ୨୦୧୮ ଶନିବାର**
**(ରିପୋର୍ଟର ବଳକା ଅଂଶ)**

**ଅତିଥିମାନଙ୍କର ହଜୁର ଅନଓ୍ୱରଙ୍କ ସହିତ ସାକ୍ଷାତକାର**

ପ୍ରେସ କନ୍‌ଫେରନ୍ସ ପରେ ହଜୁର ଅନଓ୍ୱର ଅ:ବ:ଅ ମିଟିଙ୍ଗ ରୁମ୍ ଭିତରେ ପର୍ଦାପଣ କଲେ ଯେଉଁଠି ଡ଼କ୍ଟର କାର୍ଟିନା ଲ୍ୟାଟଂସ ସ୍ୱେଟ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କଲେ ସେ ହେଉଛନ୍ତି Tom Lantos Foundation for Human rights & justice ର ସଭାପତି ଓ ଏହା ପୂର୍ବରୁ Capitol Hill U.S.A ର ପ୍ରୋଗ୍ରାମ, ଯେଛଁଥିରେ ହଜୁର ଅନଓ୍ୱର ଅ:ବ:ଅ ଭାଷଣ ପ୍ରଦାନ କରିଥିଲେ ଓ ପ୍ରେସ କନ୍‌ଫେରନ୍ସ ଲଣ୍ଡନରେ ସେ ସାମିଲ ହୋଇସାରିଛନ୍ତି ।

ଡ଼କ୍ଟର କାର୍ଟିନା ବିଶେଷ ରୂପେ ନିଜ ସିଡ୍ୟୁଲରେ ପରିବର୍ତନ କରି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର କରିବା ପାଇଁ ଏବଂ ମସଜିଦର ଉଦ୍‌ଘାଟନି ଉତ୍ସବରେ ସାମିଲ ହେବା ପାଇଁ ନିୟୁହ୍ୟାମ୍ପସିୟର୍‌ରୁ ଆସିଥିଲେ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଆପଣଙ୍କୁ ଧନ୍ୟବଦା ଜଣାଉଛି କି, ଆପଣ ମନେ ରଖିଛନ୍ତି ଓ ବିଶେଷ ରୂପେ ସାକ୍ଷାତ କରିବାକୁ ଆସିଛନ୍ତି ।

ଏଥିରେ ସେ କହିଲେ କି, ହଜୁର ଅନଓ୍ୱର ଅ:ବ:ଅ ହେଉଛନ୍ତି ଆମେରିକା ପାଇଁ ଜଣେ ଆଧାତ୍ମିକ ମଲମ ଓ ଆମେରିକାକୁ ବର୍ତମାନ ହଜୁର ଅନଓ୍ୱର ଅ:ବ:ଅଙ୍କ ମାର୍ଗଦର୍ଶନ ଓ ନେତୃତ୍ୱର ଭୀଷଣ ଆବଶ୍ୟକତା ରହିଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆମେ ଶାନ୍ତି ଚାହୁଁଛୁ ଓ ଶାନ୍ତି ପ୍ରତିଷ୍ଠା ପାଇଁ ଅହରହ ଚେଷ୍ଟା ଚଳାଇଛୁ କିନ୍ତୁ ଶାନ୍ତି ଆଡ଼କୁ ପାଦ ବଢ଼ାଯାଉନାହିଁ । ହଜୁର ଅନଓ୍ୱର ଅ:ବ:ଅ ମୁଁ ପ୍ରେସକୁ ମଧ କହିଛି ଯେ ଯଦି ଆମେ ଶାନ୍ତି ପ୍ରତିଷ୍ଠା ପ୍ରତି ଧାନ ନ ଦେବା ତେବେ ଆମେ ଏକ ବିଶ୍ୱଯୁଦ୍ଧ ଆଡ଼କୁ ଯାଉଅଛେ । ଓ ଏବେ ତ କିଛି ଦାୟିତ୍ୱ ସମ୍ପନ୍ନ ଲୋକ ମଧ ଏ କଥାକୁ ପ୍ରକାଶ କରୁଛନ୍ତି ଯେ ବର୍ତମାନ ବିଶ୍ୱଯୁଦ୍ଧର ଭୟ ଘାରିଛି ।

ସେ ପୁଣି ଅହେମଦୀମାନଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ବନ୍ଧରେ କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅ ନିଶ୍ଚିତ ରୂପେ ସାହାସ ଓ ଧର୍ଯ୍ୟର ଉଚ୍ଚତମ ଆଦର୍ଶ ଅଟନ୍ତି । ହଜୁର ଅନଓ୍ୱର ଅ:ବ:ଅ କହିଲେ ପାକିସ୍ତାନରେ ଅହେମଦୀୟା କମ୍ୟୁନିଟି କ୍ଷେଟ ପର୍ସିକ୍ୟୁସନ୍‌କୁ ସମ୍ମୁଖୀନ କରୁଅଛି । ସେଠାରେ କାନୁନ ଜାରିଆରେ ଅହେମଦୀମାନଙ୍କ ଅଧିକାରକୁ କ୍ଷୁର୍ଣ୍ଣ କରାଯାଉଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ ବର୍ତମାନ ଦୁନିଆର ଯେଉଁ ଅବସ୍ଥା ଆମେ କମ୍ୟୁନିଟି ଗୁଡ଼ିକରେ ଘୃଣାର ମଂଞ୍ଜିକୁ ବୁଣୁଅଛେ ଯେଉଁ ପଦକ୍ଷେପ ଉଠାଯାଉଅଛି ଏହା ଦ୍ୱାରା ଶାନ୍ତି ତ ପ୍ରତିଷ୍ଠା ହେବ ନାହିଁ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହା ହେଉଛି ବଡ଼ ବଡ଼ ଦେଶମାନଙ୍କର ଦାୟିତ୍ୱ ଓ ବଡ଼ ବଡ଼ ନେତା ହେବା ଦୃଷ୍ଟିକୋଣରୁ ଆପଣମାନଙ୍କ ଦାୟିତ୍ୱ ରହିଛି ଯେ, କିପରି ଶାନ୍ତି ପ୍ରତି ପଦକ୍ଷେପ ନିଆଯାଉ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଆମକୁ ଆପଣଙ୍କ ସଦୃଶ କାର୍ଯ୍ୟ କରୁଥିବା ଆହୁରି ଅଧିକ ଲୋକ ଦରକାର ନା କେବଳ ଆମେରିକାରେ ବରଂ ପୃଥିବୀର ଅନ୍ୟ ଦେଶଗୁଡ଼ିକରେ ମଧ ଦରକାର ।

ସେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ମସଜିଦ୍‌ର ଉଦ୍‌ଘାଟନୀ ଯୋଗୁଁ ସୁଭେଚ୍ଛା ଜଣାଇଲେ ଓ ବତାଇଲେ ଯେ, ହଜୁର ଅନଓ୍ୱର ଅ:ବ:ଅ ୟୁ.ଏସ.ଏ ଆମ୍ୱାସାଡ଼ର ଏବଂ ଅନ୍ୟାନ୍ୟ କଂଗ୍ରେସ ସଦସ୍ୟମାନଙ୍କ ସହିତ ଯେଉଁଭଳି ଧାର୍ମିୟ ସ୍ୱାଧୀନାତ ସମ୍ବନ୍ଧରେ କଥା ହେଲେ ସେଥିରୁ ତାଙ୍କୁ ବହୁତ ଆନନ୍ଦ ମିଳିଲା । ସେ ପୁଣି ହଜୁର ଅନଓ୍ୱର ଅ:ବ:ଅଙ୍କ ଲେଉଟିବା ପ୍ରୋଗ୍ରାମ ସମ୍ବନ୍ଧରେ ପଚାରି ବୁଝିଲେ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହି ସୋମବାର ଦିନ ଲେଉଟି ଯାଉଛି ।

ଏହି ସାକ୍ଷାତକାର ୫.୧୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ତା'ପରେ ଗାମ୍ବିୟା ଦେଶର ଆମ୍ୱାସାଡ଼ର୍ ଯିଏ ୟୁ.ଏସ୍.ଏ ରେ ନିୟୋଜିତ ଅଛନ୍ତି । Hon'ble Dawda Federa ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପାଇଲେ ସାକ୍ଷାତକାର ସମୟରେ ତାଙ୍କ ପତ୍ନୀ ଓ ପଲିଟିକାଲ୍ କାଉନସିଲର ମଧ ସାମିଲ ଥିଲେ ।

ନୂଆ ସରକାର ସମ୍ବନ୍ଧରେ କଥା ହେଲେ ଯେ ଏହା କିପରି କାର୍ଯ୍ୟ କରୁଅଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ ଏବେ ଗାମ୍ବିୟା ଦେଶରେ ଆମେ ନିଜର ଟିଭି ଚ୍ୟାନେଲ ଖୋଲୁଅଛୁ । ଆମେ ଗାମ୍ବିୟାନ୍ ଟିଭି ର ମଧ ସାହାଯ୍ୟ କରୁଅଛୁ । ସେଠାରେ ତାଙ୍କୁ ଟେକ୍‌ନିକ୍ ଶିଖାଉଛୁ ଏବଂ ନିର୍ଦ୍ଦେଶ ଦେଉଅଛୁ ।

ସେ ମହାଶୟ କହିଲେ ଯମାତ୍ ସେଠାରେ ଯେଉଁ ସ୍କୁଲ୍ ଓ ଡ଼ାକ୍ତରଖାନା ଖୋଲିଅଛି ତାହା ଦେଶକୁ ବହୁତ ଲାଭ ପଂହଚାଉଛି ଏବଂ ଶିକ୍ଷା ହିଁ ଦେଶର ଉନ୍ନତି ନିମନ୍ତେ ମୂଳଦୁଆ ଅଟେ । ଯମାତର ଯେଉଁସ୍କୁଲ୍ (ବାଞ୍ଜିଲ୍) ତାଲଡ଼ଙ୍ଗ ଗଞ୍ଜିଙ୍ଗରେ ରହିଛି ତାହା ଦେଶର ସର୍ବୋତମ ସ୍କୁଲ ଅଟେ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଆମେ ଈଶ୍ୱରଙ୍କ ପାଇଁ ସାହାଯ୍ୟ କରୁଅଛୁ ଏବଂ ଈଶ୍ୱରଙ୍କ ପ୍ରସନ୍ନତା ହାସଲ କରିବା ପାଇଁ କାମ କରୁଅଛୁ । ଯେବେକି ଅନ୍ୟମାନଙ୍କର ଆଉ କିଛି ଉଦ୍ଦେଶ୍ୟ ରହିଥାଏ ।

ଗାମ୍ବିୟାର ଆମ୍ୱାସଡ଼ରଙ୍କ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହି ସାକ୍ଷାତକାର ୫.୧୫ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସେ ଓ ତାଙ୍କ ପତ୍ନୀ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ଏହାପରେ ପ୍ରୋଗ୍ରାମ ମୁତାବକ କଂଗ୍ରେସମେନ୍ ଗ୍ୟାରି କନୋଲି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କଲେ ।

ତାଙ୍କ ପ୍ରଶ୍ନରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ତିନି ସପ୍ତାହ ପୂର୍ବରୁ ଆମେରିକା ଆସିଥିଲେ । ଏହି ଅବଧିରେ ଗୋଟେ ମାଲା ମଧ ଗଲେ ଓ ସେଠାରେ ଆମେ ଗୋଟିଏ ଡ଼ାକ୍ତରଖାନା ନିର୍ମାଣ କରିଛୁ ତାହାର ଉଦ୍‌ଘାଟନ କଲୁ । ଏଥିରେ ସେ କହିଲେ ଯେ, ଗୋଟେମୋଲା ବହୁତ ସୁନ୍ଦର ଦେଶ ଅଟେ । ହଜୁର ଅନଓ୍ୱର ଅ:ବ:ଅ କହିଲେ ବହୁତ ସୁନ୍ଦର । ସେ ପୁଣି କହିଲେ ଯେ, ଏବେ ଆସନ୍ତା ତିନିଦିନ ପର୍ଯ୍ୟନ୍ତ ଏ ଦେଶରେ ନିର୍ବାଚନ ହେବ ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁଁ ଏହାର ଗୋଟିଏ ଦିନ ପୂର୍ବରୁ ଯାଉଅଛି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ ସେ ମହାଶୟ ବତାଇଲେ ଯେ, ତାଙ୍କ ହାଲ୍‌କାରେ ୮ ଲକ୍ଷ ପାଖାପାଖି ଲୋକ ଅଛନ୍ତି ଏବଂ ବୋଧ ହୁଏ ଭୋଟର ଟର୍ନଆଉଟ ୫୦ ପ୍ରତିଶତ ରହିଅଛି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏହାର ଅର୍ଥ ହେଉଛି ଏହା କି, ଯଦି ଏବେ ନିର୍ବାଚନ ସମୟରେ ଭୋଟର ଟର୍ନଆଉଟରେ ବୃଦ୍ଧି ଘଟିବ ତେବେ ଜିତିବା ସହଜ ହୋଇଯିବ । ଯଦି ଭୋଟରଙ୍କୁ ଘରୁ ନେଇ ଆସିପାରିବେ ତେବେ ଆପଣମାନେ ନିର୍ବାଚନ ଜିତିଯିବେ ।

ସେ ଯମାତ୍ ସମ୍ବନ୍ଧରେ କହିଲେ ଯେ ଏଠି ଆମେରିକାରେ ଆପଣଙ୍କ କମ୍ୟୁନିଟି ଉନ୍ନତି କରିଚାଲିଛି ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଏଠାରେ ମଧ ଓ ଅନ୍ୟ ସ୍ଥାନମାନଙ୍କରେ ମଧ ଉନ୍ନତି କରିଚାଲିଛି । ପ୍ରତ୍ୟେକ ବର୍ଷ ଯମାତ୍‌ରେ ୫ ରୁ ୬ ଲକ୍ଷ ଲୋକ ସାମିଲ ହେଉଛନ୍ତି । ସେ ଯାହା ହେଉ ଯମାତ୍ ଉନ୍ନତି କରିଚାଲିଛି । ଏହି ସାକ୍ଷାତକାର ୫.୨୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ସରକାରୀ ସଦସ୍ୟ ଏବଂ ଅତିଥିମାନଙ୍କର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାମୁହିକ ସାକ୍ଷାତକାର**

ଏହା ପରେ ହଜୁର ଅନଓ୍ୱର ଅ:ବ:ଅ ଲାଇବ୍ରେରି ଭିତରକୁ ପ୍ରବେଶ କଲେ ଯେଉଁଠାରେ ମସଜିଦ୍ ମସରୁର୍‌ର ଉଦ୍‌ଘାଟନୀ ଉତ୍ସବ ପାଇଁ ଆସିଥିବା କିଛି ସରକାରୀ ସଦସ୍ୟ ଓ ଅତିଥିମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସାକ୍ଷାତକାର ରେ ନିମ୍ନଲିଖିତ ଅତିଥିମାନେ ସାମିଲ ହୋଇଛନ୍ତି ।

Hala Ayala (Member of Vergnia House of Deligates)
Ruth Anderson (Member of Prince Williams County Board of Supervisiors)
Jeanette Rishell (Member of Manassas Park)
Maureen Caddigan (Member of Prince Williams County Board of Supervisiors)
Corey Stewart (Chairman of Prince Williams County Board of Supervisiors)
Martin Nohe (Member of Prince Williams County Board of Supervisiors)
Jeremy McPike (Senietor for state of Verginia)
Dawda Fadera (Ambassador of The Gambia)
Adam Manne (Yuhidi Organization Nershalom & Vice President of Virginia)
Kathleen Smith (Member of Fair facts county Boards of Directors)
Elizabeth Guzman (Member of Verginia House of Delegates)
Dr. Katrina Lantos Swett (President of Tom Lantos Foundation for Human rights)
Abdul Aziz Sachedina

ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan